୬ ପ୍ରଜ୍ଞାନ ଓଝା ହେଲେ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୬୧ ● ୨୨ ଅକ୍ଟୋବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-261 ● 22nd October 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## କୋଟିଆ ଦଖଲ ପାଇଁ ଆନ୍ଧ୍ରର ସାନି ଉଦ୍ୟମ

# ଓଡ଼ିଶା ସରକାର ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ

**କୋରାପୁଟ, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

କୋଟିଆ ଦଖଲ ପାଇଁ ଆନ୍ଧ୍ର ସରକାର ସାନି ଉଦ୍ୟମ ଆରମ୍ଭ କରିଛନ୍ତି। କୋଟିଆ ଦଖଲ ପାଇଁ ରାଜନୀତି ଜୋର ଧରିଛି। ଆନ୍ଧ୍ର-ଓଡ଼ିଶା ଛକାପଂଝା ଭିତରେ ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ ପାଇଁ ବୁଧବାର ଠାରୁ ଆରମ୍ଭ ହୋଇଛି ନାମାଙ୍କନ। ଟିଡିପି ସହ ୱାଇଏସ୍ଆର କଂଗ୍ରେସ ନେତା ଓ କର୍ମୀ ନିଜ ନିଜର ଭୋଟର ଏବଂ ସମର୍ଥକଙ୍କୁ ଧରି ସାଲୁରରେ ନାମାଙ୍କନ ଚଳାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଟିଡିପି ପକ୍ଷରୁ ଉପରସେମ୍ଭି ଗାଁରୁ ସିରାଞ୍ଜିବି ତାଡିଙ୍ଗି ଏବଂ ୱାଇଏସ୍ଆର କଂଗ୍ରେସ ପକ୍ଷରୁ ପାନକୂଳୱାଲସା ଗାଁରୁ ମାଝୀ କାନପୁରିଆ ନାମାଙ୍କନ ଦାଖଲ କରିଛନ୍ତି। କୋଟିଆ ସରପଞ୍ଚଙ୍କ କହିବା ଅନୁସାରେ ଆନ୍ଧ୍ରର ବିଭିନ୍ନ ଯୋଜନାରୁ କୋଟିଆବାସୀ






ଅଧିକ ଲାଭ ଓ ସୁବିଧା ପାଉଥିବାରୁ ତାଙ୍କୁ ଅଟକାଇବା ଅସମ୍ଭବ ହୋଇପଡିଛି।

ଅନ୍ୟପକ୍ଷରେ କୋଟିଆ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କେମିତି ହେବ ଏବଂ ଆନ୍ଧ୍ର ନିର୍ବାଚନରେ ସାମିଲ ହେବା ପୂର୍ବରୁ *(ପୃଷ୍ଠା ୭ରେ)*

## ଆଡଭୋକେଟ୍ ଜେନେରାଲ୍ ଓ ବରିଷ୍ଠ ଅଧିକାରୀଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ବୈଠକ

**ଭୁବନେଶ୍ୱର, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ଆଭାସୀ ମାଧ୍ୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପଞ୍ଚାୟତ ପ୍ରସଙ୍ଗରେ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଆଇନଗତ ଦୃଷ୍ଟିକୋଣରୁ ସମୁଚିତ ପଦକ୍ଷେପ ନେବା ଦିଗରେ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟଙ୍କ ସହ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସବିଶେଷ ଆଲୋଚନା କରିଛନ୍ତି ଏବଂ ତାଙ୍କର ପରାମର୍ଶ ଲୋଡିଛନ୍ତି । ଏହି ପରିପ୍ରେକ୍ଷୀରେ, ବିବାଦର ସମାଧାନ ପାଇଁ ଆବଶ୍ୟକ ଆଇନଗତ ପଦକ୍ଷେପ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଞ୍ଚଳରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତିକୁ ସୁଦୃଢ଼ କରିବାର ଆବଶ୍ୟକତା *(ପୃଷ୍ଠା ୭ରେ)*

# ବିଜୟାଦଶମୀରେ ଉତ୍ସବମୁଖର ସାରା ଓଡ଼ିଶା

## ସିନ୍ଦୂରରେ ରଙ୍ଗେଇ ହେଲା ପୂଜାମଣ୍ଡପ

**ଭୁବନେଶ୍ୱର, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଶକ୍ତି ଓ ଭକ୍ତିର ମହାପର୍ବ ପବିତ୍ର ଶାରଦୀୟ ଦୁର୍ଗାପୂଜା-ଦଶହରାର ଅନ୍ତିମ ପର୍ବ ବିଜୟା ଦଶମୀ ବୁଧବାର ସାରା ରାଜ୍ୟରେ ପାଳିତ ହୋଇଛି। ଟୁଇନ୍ ସିଟି କଟକ-ଭୁବନେଶ୍ୱର ସମେତ ରାଜ୍ୟର ସବୁ ଅଞ୍ଚଳରେ ପୂଜା ମଣ୍ଡପମାନଙ୍କରେ ପାରମ୍ପାରିକ ରୀତିନୀତି ଅନୁସାରେ ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଛି। ପୂଜା ପରେ ଘଟ ବିସର୍ଜନ ସହ ମା' ଦୁର୍ଗାଙ୍କୁ ବିଦାୟ ଦେବା ପୂର୍ବରୁ ଅନେକ ସ୍ଥାନରେ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା। କଟକ-ଭୁବନେଶ୍ୱର, ସମ୍ବଲପୁର ଆଦି ସ୍ଥାନମାନଙ୍କରେ ବଙ୍ଗୀୟ ସଂପ୍ରଦାୟର ମହିଳାମାନେ ସିନ୍ଦୂର ଖେଳ ମହାସମାରୋହରେ ପାଳନ କରିଛନ୍ତି। ଭୁବନେଶ୍ୱରର କାଳୀବାଡ଼ି ପୂଜାମଣ୍ଡପ ଓ



ସମ୍ବଲପୁରର ବଙ୍ଗାଳୀପଡ଼ାରେ ବଙ୍ଗୀୟ ପରମ୍ପରା ଅନୁସାରେ ପାଳିତ ହୋଇଥିଲା ଏହି ନିଆରା ପର୍ବ। ମା'ଙ୍କୁ ସିନ୍ଦୁର ଲଗାଇ, ମିଠା ଖୁଆଇ ମେଲାଣି ଦେଇଥିଲେ ସଧବା ବଙ୍ଗୀୟ ମହିଳାମାନେ। ସେମାନେ ପରସ୍ପରକୁ ସିନ୍ଦୂର ଲଗାଇ ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁଖମୟ ଦାମ୍ପତ୍ୟ ଜୀବନ କାମନା କରିଥିଲେ। ସିନ୍ଦୁରର ଲାଲ୍ ରଙ୍ଗରେ ରଙ୍ଗେଇ ହୋଇଥିଲା ପୂଜାମଣ୍ଡପ, ଭାବାବେଗରେ ଭରିଯାଇଥିଲା ସମଗ୍ର ପରିବେଶ। କଟକ ସିଡିଏ ସେକ୍ଟର-୧୩ ଆବାସିକ ସଂଘ ପୂଜାମଣ୍ଡପରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଶତାଧିକ ବଙ୍ଗୀୟ ମହିଳା ଏଠାରେ ଏକାଠି ହୋଇ ମା'ଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ପୂଜାଅର୍ଚ୍ଚନା କରିବା ପରେ ପରସ୍ପରକୁ ସିନ୍ଦୁର ଲଗାଇଥିଲେ। ରାଉରକେଲାର ବିଭିନ୍ନ ପୂଜାମଣ୍ଡପରେ ସିନ୍ଦୁର ଖେଳର ଉତ୍ସାହ ସହ ଧୁନୁଚି ନୃତ୍ୟରେ ମସଗୁଲ୍ ବଙ୍ଗାଳୀ ମହିଳାମାନେ ପାଳନ କରିଥିଲେ । ସେହିପରି ବଙ୍ଗୀୟ ରୀତିନୀତିରେ ମାଆଙ୍କୁ ପୂଜା କରିଥିଲେ ଶ୍ରଦ୍ଧାଳୁ। ମାଲକାନଗିରିରେ ବି ସିନ୍ଦୁର ଖେଳର ଉତ୍ସାହ କିଛି କମ୍ ନଥିଲା। ମା'ଙ୍କ କପାଳ ଓ ପାଦରେ ସିନ୍ଦୂର ଲଗାଇ ମିଠା ଖୁଆଇ ଦେଇ ବିଦାୟ ଦେଇଥିଲେ ସେମାନେ। *(ପୃଷ୍ଠା ୭ରେ)*

## ବାତ୍ୟା ନିଶ୍ଚିତ !
# ୨୩ରେ ଲଘୁଚାପ

**ଭୁବନେଶ୍ୱର, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଘନଉଛି ବାତ୍ୟା ଅଶଙ୍କା। ମାସେ ଯାଇନି ପୁଣି ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ସମ୍ଭାବ୍ୟ ଲଘୁଚାପ। ତେବେ ଏଥର ଏହା ଗଭୀର ଅବପାତରୁ ଆଗକୁ ଯାଇ ବାତ୍ୟାର ରୂପ ନେଇପାରେ। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ଅଛି। ଏହା ସମୁଦ୍ର ପଉନଠାରୁ ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ବୁଧବାର ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗରକୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏପରି ହେଲେ ଆସନ୍ତା ୨୩ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେଇପାରେ ଏବଂ ୨୭ ସୁଦ୍ଧା ଅବପାତରେ ପରିଣତ ହେବ। ପରେ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରି ଦୁଇ ଦିନ ମଧ୍ୟରେ ବାତ୍ୟାର ରୂପ ନେଇପାରେ। ପାଗ ଅନୁକୂଳ ଥିବାରୁ ବାତ୍ୟା ସୃଷ୍ଟି ହେବା ସମ୍ଭାବନା ଅଧିକ ବୋଲି *(ପୃଷ୍ଠା ୭ରେ)*

## ନଦୀରେ ବୁଡ଼ି ୩ ଛାତ୍ର ମୃତ

**କେନ୍ଦ୍ରାପଡା, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଲୁଣାନଦୀରେ ଗାଧୋଇବାବେଳେ ୩ ଜଣ ଛାତ୍ର ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଜାନପୁର ପଞ୍ଚାୟତ ଗହଣା ଗ୍ରାମରେ ଏପରି ଦୁଃଖଦ ଘଟଣା ଘଟିଛି। ଗ୍ରାମର ସାଙ୍ଗମାନଙ୍କ ସହ ଲୁଣା ନଦୀର ଗହଣା ଘାଟକୁ ଯାଇ ଗାଧୋଉଥିବାବେଳେ ଗଭୀର ଜଳରେ ୩ ଜଣ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିବା ପରେ ବୁଡ଼ିଯାଇଥିବା *(ପୃଷ୍ଠା ୭ରେ)*

### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୬୦୮ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୩୯୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୯୫୬ (+୦) |

### ରୁପା ଦର

ରୁପା – ପ୍ରତି ଗ୍ରାମ ୨୩୦ (+୦)

## ଆଜିଠୁ ମୁମ୍ବାଇରେ ଇଣ୍ଡିଆ କେମ୍-୨୦୨୬
# ବିଶିଷ୍ଟ ଶିଳ୍ପପତିଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର (୨୨/୧୦/୨୦୨୬)ଠାରୁ ମୁମ୍ବାଇରେ 'ଇଣ୍ଡିଆ କେମ୍ ୨୦୨୬' ଦୁଇ ଦିନିଆ ସମ୍ମିଳନୀ ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀରେ ଯୋଗଦେବା ସହ ଦେଶ ବିଦେଶର ବିଶିଷ୍ଟ ଶିଳ୍ପପତିମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ମୁଖ୍ୟତଃ ଏହି ସମ୍ମିଳନୀରେ ଓଡ଼ିଶା ନିଜର ଶିଳ୍ପ ଦକ୍ଷତା, ବିଶାଳ ଭିତ୍ତିଭୂମି, ପ୍ରଗତିଶୀଳ ନୀତି ଏବଂ ନିବେଶ ସମ୍ଭାବନାକୁ *(ପୃଷ୍ଠା ୭ରେ)*



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅକ୍ଟୋବର ୨୦୨୬ ଗୁରୁବାର





# ତିଗିରିଆର ଆରାଧ୍ୟ ଠାକୁରାଣୀ ମା' କଳାପାଟ

**ତିଗିରିଆ, ନ୍ୟୁଜ ବ୍ୟୁରୋ**

ତିଗିରିଆ ବ୍ଲକ୍ ନୂଆପାଟଣା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା' କଳାପାଟ। ବିଶ୍ୱାସ ରହିଛି, ଏଠାରେ ଭାବରେ ଥାଇ ମା'ଙ୍କୁ ଶ୍ରଦ୍ଧାର ସହ ଡାକିଲେ ମା' ଡାକ ଶୁଣନ୍ତି। ମା'ଙ୍କ ପାଖରେ କେବଳ ତିଗିରିଆ ଅଞ୍ଚଳ ନୁହେଁ, ରାଜ୍ୟର ଅନ୍ୟ ଅଞ୍ଚଳ ସମେତ ରାଜ୍ୟ ବାହାରୁ ମଧ୍ୟ ଭକ୍ତମାନେ ମାନସିକ ପୂରଣ ପରେ ଦର୍ଶନ ପାଇଁ ଆସିଥା'ନ୍ତି। କିମ୍ବଦନ୍ତୀ ଅନୁସାରେ, ମା' ଏହି ସ୍ଥାନରେ ପ୍ରାୟ ୪୦୦ ବର୍ଷ ହେଲା ଅବସ୍ଥାନ କରୁଛନ୍ତି। ଯେତେବେଳେ ପୁରୀ ଶ୍ରୀମନ୍ଦିର ଉପରେ ବାହ୍ୟ ଶତ୍ରୁ ଆକ୍ରମଣ କରି ମନ୍ଦିରରୁ ପ୍ରଭୁ ଜଗନ୍ନାଥଙ୍କୁ ନେଇଯିବାକୁ ଚକ୍ରାନ୍ତ କରିଥିଲେ ସେତେବେଳେ ତତ୍କାଳୀନ ଗଜପତି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଶ୍ରୀମନ୍ଦିରରେ ଚନ୍ଦନରେ ନିର୍ମିତ ବିଗ୍ରହ ପୂଜା କରାଯାଇ ପ୍ରକୃତ ବିଗ୍ରହଙ୍କୁ ତିଗିରିଆ ରାଜ୍ୟରେ ଗୁପ୍ତରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତିଗିରିଆରେ ପ୍ରକୃତ ବିଗ୍ରହ ଲୁଚି ରହିଥିବା କଥା ଆକ୍ରମଣକାରୀ ଜାଣିଯିବାରୁ ଏଥିରେ ଚିନ୍ତିତ ହୋଇ ତତ୍କାଳୀନ ତିଗିରିଆ ରାଜା, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ିଥିଲେ। ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନାଦେଶ କରି କେବଳ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ତିଗିରିଆ ରାଜ୍ୟ ପାଟଣାମୂଳକର ଘୋର ବନସ୍ତରେ ଲୁଚାଇ ରଖିବାକୁ କହିଥିଲେ। ସ୍ୱପ୍ନାଦେଶ ଅନୁଯାୟୀ ମହାପ୍ରଭୁଙ୍କ ବିଗ୍ରହକୁ ବନସ୍ତରେ ଲୁଚାଇ ରଖିବା ସହ ସୁରକ୍ଷା ପାଇଁ ରାଜ୍ୟବାହାରୁ କିଛି ପାଇକଙ୍କୁ ରଖାଯାଇଥିଲା। ଉକ୍ତ ଖବର ମଧ୍ୟ ଆକ୍ରଣକାରୀଙ୍କ ପାଖରେ ପହଞ୍ଚିଯିବାରୁ ସେମାନେ ଉକ୍ତ ସ୍ଥାନରେ ଅତର୍କିତ ଆକ୍ରମଣ କରିଥିଲେ। ଖବର ଶୁଣି ରାଜା ଉପାୟଶୂନ୍ୟ ହୋଇ 'ମହାପ୍ରଭୁ ନିଜେ ନିଜର ରକ୍ଷା କର' ବୋଲି ଡାକି ସଂଜ୍ଞାହୀନ ହୋଇଯାଇଥିଲେ। ଆକ୍ରମଣକାରୀ ମହାପ୍ରଭୁଙ୍କ ବିଗ୍ରହ ନେଇଯିବାକୁ ବସିଥିବା ବେଳେ ଅନତି ଦୂରରେ ବନସ୍ତରେ ଏକ ସାହାଡ଼ା ଗଛମୂଳରେ ଅବସ୍ଥାନ କରୁଥିବା ମା' କଳାପାଟ ମହାପ୍ରଭୁଙ୍କୁ ଶତ୍ରୁ କବଳରୁ ରକ୍ଷା କରିଥିଲେ। ସଂଜ୍ଞା ଫେରିବା ପରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ ମା' କଳାପାଟଙ୍କ କଥା କହିଥିଲେ। ରାଜା ସେଠାକୁ ଯାଇ ମା'ଙ୍କୁ ମୁଣ୍ଡିଆ ମାରି ପୂଜା ଆରମ୍ଭ କରିଥିଲେ। ବହୁବର୍ଷ ଧରି ଡାହାଳିଆ ସମ୍ପ୍ରଦାୟ ଦ୍ୱାରା ମା'ଙ୍କ ପୂଜା କରାଯାଉଥିଲା। ଉକ୍ତ ସମ୍ପ୍ରଦାୟ ଏହି ସ୍ଥାନ ଛାଡି ଅନ୍ୟତ୍ର ଚାଲିଯିବାରୁ ଦୀର୍ଘବର୍ଷ ଧରି ମା' ଅପୂଜା ରହିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ସଙ୍ଗୀତଗୁରୁ କାଶୀନାଥ ମହାପାତ୍ରଙ୍କୁ ମା' ପୂଜାର୍ଚ୍ଚନା ପାଇଁ ନିର୍ଦ୍ଦେଶ ଦେବାରୁ ସେହିଦିନ ଠାରୁ କାଶୀନାଥ ଓ ତାଙ୍କ ପରିବାର ପିଢ଼ି ପରେ ପିଢ଼ି ମା'ଙ୍କ ପୂଜା କରି ଆସୁଛନ୍ତି। ମା'ଙ୍କ ନିକଟରେ ପ୍ରତ୍ୟହ ଭୋଗ ଲାଗି କରାଯାଉଥିବା ବେଳେ ବୈଶାଖ ପୂର୍ଣ୍ଣିମା, ଷୋଳପୂଜା, ପଣା ସଂକ୍ରାନ୍ତି, କାର୍ତ୍ତିକ ପୂର୍ଣ୍ଣିମାରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ବୈଶାଖ ପୂର୍ଣ୍ଣିମା ଦିନ ନୂଆପାଟଣାର ୯ମୌଜା ଓ ଆଖପାଖ ଅଞ୍ଚଳର ହଜାରହଜାର ଭକ୍ତ ମା'ଙ୍କ ମନ୍ଦିରକୁ ଆସି ହାତ ତିଆରି କ୍ଷୀରି, ଖେଚୁଡ଼ି ଭୋଗ ମାଡ଼ଙ୍କୁ ଲାଗି କରନ୍ତି। ଏବେ ନୂତନ ମନ୍ଦିର ନିର୍ମାଣ କରାଯାଇ ସେଠାରେ ମା' ପୂଜା ପାଉଛନ୍ତି।

# ପୂଜା ମଣ୍ଡପ ତୋରଣ: ଖର୍ଚ୍ଚ ଅଧିକ, ଆକର୍ଷଣ ବି ଅଧିକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମା'ଙ୍କ ଆବାହନ ପାଇଁ ରାଜଧାନୀ ଛାତି ଉପରେ ଛିଡ଼ା ହୋଇଛି ଆଖି ଖୋସି ଭଳି ତୋରଣ। କେଉଁଠି ଦୁବାଇ ସହର ତ ଆଉ କେଉଁ ମଣ୍ଡପରେ ଭାଟିକାନ ସିଟିର ଭ୍ରମ ସୃଷ୍ଟି କରୁଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତୋରଣରେ ନିଆରା ଝଲକ ବି ଦେଖିବାକୁ ମିଳୁଛି। ଦଶହରା ପାଇଁ କଟକ ସହର ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ତୋରଣରେ ରାଜଧାନୀ ଭୁବନେଶ୍ୱର ଏବେ ବାଜିମାତ କରିଛି। ଏଥିପାଇଁ ମୋଟ ବଜେଟ୍‌ର ସିଂହଭାଗ କେବଳ ତୋରଣରେ ଖର୍ଚ୍ଚ ହୋଇଛି। ତୋରଣ ନିର୍ମାଣରେ ଯେମିତି କୌଣସି ପ୍ରକାର ସାଲିସ ନ ହୁଏ ସେଥିପ୍ରତି ପୂଜା ମଣ୍ଡପ ଅଧିକ ଯତ୍ନବାନ ହୋଇଛନ୍ତି। ବିଶାଳ ତୋରଣ ଏବଂ ଅବିଶ୍ୱସନୀୟ ନିର୍ମାଣ ଶୈଳୀରେ ଚକମା ଦେଖାଇବା ପାଇଁ ରାଜଧାନୀର ପୂଜା କମିଟିଗୁଡ଼ିକ ଯେମିତି ପଣ କରିଛନ୍ତି। ପୂର୍ବବର୍ଷ ଭଳି ଏଥର ମଧ୍ୟ ରାଜଧାନୀର ପ୍ରାୟ ୨୦୦ ପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ହେଉଛି। ଏଥିପାଇଁ ମଣ୍ଡପଗୁଡ଼ିକ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରିଛନ୍ତି। କୌଣସି ବି ପୂଜା ମଣ୍ଡପର ବଜେଟ୍ ୧୦ ଲକ୍ଷ ତଳକୁ ନାହିଁ। ଏପରିକି ଗୋଟିଏ ଗୋଟିଏ ପୂଜା ମଣ୍ଡପର ବଜେଟ୍ କୋଟିଏ ଟଙ୍କା ଛୁଇଁଛି। ନୂଆପଲ୍ଲୀ ଓ ରସୁଲଗଡ଼ରେ ଭାଟିକାନ୍ ସିଟି ପ୍ରତିକୃତିର ତୋରଣ ତିଆରି ହୋଇଛି। ମୋଟ୍ ବଜେଟର ବଡ଼ ଅଂଶ ତୋରଣରେ ଖର୍ଚ୍ଚ କରାଯାଇଛି। ବଳିଖାଲ ପୂଜା କମିଟିର ବଜେଟ୍ ତ ୬୦ ଲକ୍ଷ ଛୁଇଁଲାଣି। ଏଥରକ ତୋରଣରେ ଦୁବାଇର ଝଲକ ଦେଖିବାକୁ ମିଳୁଛି। ଷ୍ଟେସନ ବଜାର ପୂଜା କମିଟିର ବଜେଟ୍ ୮୦ ଲକ୍ଷ ଟପିଯାଇଛି। ମା'ଙ୍କୁ ସୁନା ଓ ରୂପା ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲେ ମଧ୍ୟ ଜୀବନର ସଂଘର୍ଷ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ତୋରଣରେ କେବଳ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଗଙ୍ଗନଗରରେ ପ୍ରସ୍ତୁତ ହୋଇଥିବା ଗୋଲ୍‌ଡେନ୍ ପ୍ୟାଲେସ୍, ପଳାଶୁଣୀରେ ରାଜସ୍ଥାନ ହାୱାମହଲ ତୋରଣ ନିର୍ମାଣରେ ୧୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। କଟକରେ ତାରକସି ମେଢ଼କୁ ନେଇ ପ୍ରତିଯୋଗିତା ହେଉଥିବା ବେଳେ ରାଜଧାନୀରେ ସୁଦୃଶ୍ୟ ତୋରଣର ପ୍ରତିଯୋଗିତା ହୁଏ। ଝାରପଡ଼ା, ରସୁଲଗଡ଼, ସହିଦନଗର, ନୟାପଲ୍ଲୀ, ଲକ୍ଷ୍ମୀସାଗର, ବରମୁଣ୍ଡା, ପୁରୁଣା ଷ୍ଟେସନ୍ ବଜାର, ବମିଖାଲ, ଡମଣା, କିସ୍, ପଟିଆରେ ନିର୍ମାଣ ହୋଇଥିବା ଦୁର୍ଗାପୂଜା ମଣ୍ଡପ ପୂର୍ବଭଳି ଏଥର ମଧ୍ୟ ତୋରଣରେ ଚମକ ଭରିଛନ୍ତି କୋଲକାତାର କଳାକାର। କେବଳ ଏହି ବଡ଼ ପୂଜା ମଣ୍ଡପର ପୂଜା ବଜେଟ୍ ୧୦ କୋଟି ଛୁଇଁବ। ସେଥିମଧ୍ୟରୁ କେବଳ ୪ କୋଟି ଟଙ୍କା ତୋରଣ ନିର୍ମାଣରେ ଖର୍ଚ୍ଚ ହୋଇଛି। ୧୦ ବର୍ଷ ତଳେ ଯେଉଁଠି ଦୁଇ କୋଟିରେ ହେଉଥିଲା ତାହା ଏବେ ଦୁଇ ଗୁଣା ବଢ଼ିଛି। ଏହି ପୂଜା ମଣ୍ଡପଗୁଡ଼ିକରେ ତୋରଣ ନିର୍ମାଣ ପାଇଁ ପ୍ରତି ପୂଜା କମିଟି ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଛନ୍ତି। ୨୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପ ୪୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପୂଜା ବଜେଟ୍ ରଖିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପର ବଜେଟ୍ ୨୦ ଲକ୍ଷରୁ ଅଧିକ ରହିଛି। ଅନ୍ୟାନ୍ୟ ପୂଜା ମଣ୍ଡପଗୁଡ଼ିକ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୂଜା ବାବଦରେ ବ୍ୟୟ କରିଛନ୍ତି।

# କଟକ କଲେଜ ଛକରେ ବଡ଼ ଅଘଟଣ! କାର୍‌ରେ ଲାଗିଲା ନିଆଁ, ଅଳ୍ପକେ ଟଳିଲା ବିପଦ

**କଟକ, ନ୍ୟୁଜ ବ୍ୟୁରୋ**

କଟକର କଲେଜ ଛକ ନିକଟରେ ବୁଧବାର ଏକ ଦୀର୍ଘ ସମୟ ଧରି ଅବ୍ୟବହୃତ ହୋଇ ପଡ଼ିଥିବା ଗାଡ଼ିରେ ହଠାତ୍ ନିଆଁ ଲାଗିବା ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଗାଡ଼ି ନିକଟରେ ଜମା ହୋଇଥିବା ଆବର୍ଜନାରୁ ନିଆଁ ଆରମ୍ଭ ହୋଇ ଗାଡ଼ିକୁ ବ୍ୟାପିଥିବା ସନ୍ଦେହ କରାଯାଉଛି। ତେବେ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁଁ ନିଆଁକୁ ଆୟତ୍ତ କରାଯିବା ସହ ଏକ ବଡ଼ ଅଘଟଣ ଟଳିଯାଇଛି। ଏହି ଘଟଣାରେ କୌଣସି ଜୀବନହାନି ହୋଇନଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ସୂଚନା ପାଇ ଜୋବ୍ରା ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ କଟକ ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଟିମ୍ ମଧ୍ୟ ସେଠାରେ ପହଞ୍ଚି ନିଆଁ ଲିଭାଇବାରେ ସାମିଲ ହୋଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଉଦ୍ୟମ କରି ନିଆଁକୁ ନିୟନ୍ତ୍ରଣକୁ ଆଣିବା ସହ ଏହା ଅନ୍ୟତ୍ର ବ୍ୟାପିବାକୁ ରୋକିଥିଲେ। ପ୍ରାଥମିକ ଅନୁମାନ ଅନୁଯାୟୀ, ଗାଡ଼ି ନିକଟରେ ଜମା ହୋଇଥିବା ଆବର୍ଜନାରେ କୌଣସି କାରଣରୁ ନିଆଁ ଲାଗିଥାଇପାରେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଅଗ୍ନିକାଣ୍ଡରେ ଗାଡ଼ିଟିର କେତେ ପରିମାଣର କ୍ଷୟକ୍ଷତି ହୋଇଛି, ତାହା ମଧ୍ୟ ଜଣାପଡ଼ିନାହିଁ।କଲେଜ ଛକ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳ ନିକଟରେ ଏଭଳି ଅଗ୍ନିକାଣ୍ଡ ଘଟିବା ଘଟଣା ଅବ୍ୟବହୃତ ଗାଡ଼ି ଓ ଆବର୍ଜନାର ସୁରକ୍ଷିତ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଛି। ତେବେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅଧିକ ତଥ୍ୟ ମିଳିବା ପରେ ଘଟଣାର ସ୍ପଷ୍ଟ ଚିତ୍ର ଜଣାପଡ଼ିବ।

# ନବରାତ୍ରୀ ଅବସରରେ ଦାଣ୍ଡିଆ ନୃତ୍ୟରେ ଝୁମି ଝୁମାଇଲେ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପାନ୍ଥ ନିବାସ କ୍ୟାମ୍ପସ ପରିସରରେ ନବରାତ୍ରୀ ଅବସରରେ ରମ୍ଭା ଲଣ୍ଡନ କିଡ୍ସ ପବ୍ଲିକ ସ୍କୁଲ ପକ୍ଷରୁ 'ନବରାଗ ନବରାତ୍ରୀ' ଦାଣ୍ଡିଆ ନୃତ୍ୟରେ ଦର୍ଶକ ବିଭୋର। ରମ୍ଭା ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ମହିଳା,କନ୍ୟା ଓ ଯୁବତୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ରମ୍ଭାରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରିନ୍ସିପାଲ ସନ୍ତୋଷୀ ବେହେରା ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଦାସ ସମ୍ୟକ



ସୂଚନା ପ୍ରଦାନ କରିଥିଲେ। ରୂପାଲି ମା' ଓ ଜିତୁ ଭାଇଙ୍କ କଣ୍ଠରେ 'ମା' ଶେରାୱାଲି' ଭଜନ ଓ ଶିଶୁ କଣ୍ଠଶିଳ୍ପୀ ସୁପ୍ରଭାସଙ୍କ ମାଆ ଦୁର୍ଗା ଭଜନ ପରିବେଶକୁ ଭକ୍ତିମୟ କରିଥିଲା। ବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ ଏକ ନୃତ୍ୟ ପରିବେଷଣ ହୋଇଥିଲା। ବର୍ଷାକୁ ଭୃକ୍ଷେପ ନ କରି ଉପସ୍ଥିତ ମହିଳାମାନେ ରାମ୍ପ ୱାକ୍ ଓ ଦାଣ୍ଡିଆ ନୃତ୍ୟରେ ତାଳେ ତାଳେ ଝୁମିଲେ ଓ ଝୁମାଇଲେ। ବ୍ରହ୍ମପୁରର ନୃତ୍ୟ ଗୁରୁ ସିଦ୍ଧାର୍ଥ ମହାନ୍ତି ରହିଥିବା ବେଳେ ଉପସ୍ଥାପିକା ସାଗରୀକା ଆଚାରୀ ନୃତ୍ୟରତ ମଞ୍ଚକୁ ସଂଯୋଜନା କରିଥିଲେ। ଗୀତାଞ୍ଜଳି ରାଉତ,ତେଜସ୍ୱି ମାଝୀ ଏବଂ ମଧୁସ୍ମିତା ଦଳାଇଙ୍କୁ ରାମ୍ପ ୱାକ ଏବଂ ଦାଣ୍ଡିଆ ପାଇଁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ସମ୍ବଲପୁରୀ, ଫଗ ଡ୍ୟାନ୍ସ, ମଡନ, ଗରୱା ଡ୍ୟାନ୍ସ ପ୍ରମୁଖ ସ୍ଥାନ ପାଇଥିଲା। ଆୟୋଜିତ କାର୍ଯ୍ୟକ୍ରମର ଫିଟନେସ ସ୍ପାର୍ ପ୍ରଯୋଜକ ରହିଥିବା ବେଳେ ଏମ୍‌ଏସ୍ ଷ୍ଟୁଡିଓ, ସହଯୋଗୀ କରିଥିଲେ। ନବରାତ୍ରୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନାରୀଶକ୍ତିର ସମ୍ମାନ ସହ ସାମାଜିକ ଓ ସାଂସ୍କୃତିକ ଏକତାର ବାର୍ତ୍ତା ସର୍ବ ପ୍ରଥମେ ରମ୍ଭା ଅଞ୍ଚଳରେ କରାଯାଇ ଥିବାରୁ ସହର ଉତ୍ସବ ମୁଖର ହୋଇପଡ଼ିଥିଲା ତତ ସହିତ ରଙ୍ଗବେରଙ୍ଗର ଆଲୋକସଜ୍ଜା ପରିବେଶକୁ ଦ୍ୱିଗୁଣିତ କରିଦେଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ମ୍ୟାମ ସନ୍ଧ୍ୟା, କବିତା, ସୁନିତା, ପ୍ରସନ୍ନ, କାଜଲ, ସ୍ମୃତି, ଶ୍ରଦ୍ଧା, ଅଞ୍ଜଳି, ତନୀଷା, ବର୍ଷା, ମିନାକ୍ଷୀ, ସୁକାନ୍ତି, ସତ୍ୟଭାମା ଓ ନମିତା ପ୍ରମୁଖ ନୃତ୍ୟରତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଉପଜିଲ୍ଲାପାଳଙ୍କର ଛତୁଆ କେନ୍ଦ୍ର ପରିଦର୍ଶନ ଓ ତଦାରଖ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ସମ୍ମାନୀତ ଶିଶୁ ବିକାଶ ସେବା ଯୋଜନା ଅଧିନରେ ଥିବା ଛତୁଆ କେନ୍ଦ୍ର ଗୁଡିକୁ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପରିଦର୍ଶନ କରିବା ସହ ସେଗୁଡିକୁ ତଦାରଖ କରିଛନ୍ତି। ଜିଲ୍ଲାର ମାର୍ଶାଘାଇ ବ୍ଲକ ଓ କେନ୍ଦ୍ରାପଡା ବ୍ଲକର ଛତୁଆ କେନ୍ଦ୍ର ପରିଦର୍ଶନ କରି ସେଠାରେ ବିଭିନ୍ନ ଜିନିଷ ତଦାରଖ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ମାର୍ଶାଘାଇ ଓ ଜମଧରଠାରେ କରାଯାଉଥିବା ଛତୁଆ କେନ୍ଦ୍ର ଗୁଡିକରେ ଅନୀୟମିତତା ହେଉଥିବା ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳ ଶ୍ରୀ ନାୟକ ଉକ୍ତ କେନ୍ଦ୍ର ଗୁଡିକୁ ପରିଦର୍ଶନ କରି ତଦାରଖ କରିଥିଲେ। ଏହି କେନ୍ଦ୍ର ଗୁଡିକରେ ଛତୁଆ ପ୍ୟାକିଂ କରି ବିଭିନ୍ନ ବିଦ୍ୟାଳୟ ଗୁଡ଼ିକୁ ଯୋଗାଇ ଦିଆଯାଉଛି। ଉପଜିଲ୍ଲାପାଳଙ୍କର ଏହି ତଦାରଖ ସମୟରେ ମାର୍ଶାଘାଇ ଓ କେନ୍ଦ୍ରାପଡା ବ୍ଲକର ସିଡିପିଓମାନେ ଉପସ୍ଥିତ ଥିଲେ।



# କେଶପୁରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



କେଶପୁର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେଶପୁର କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବନା କୁମାର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ବିଚିତ୍ର ଜାଲି, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି, କେଶପୁର ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ,ଏସ ଏମ ସି ଏକାଡେମୀକ କମିଟି ସଭ୍ୟ ଭୀମସେନ ଦାସ, ପୂର୍ବତନ ସି ଆର ସି ସି ମାଗତା ନାହାକ, ନୀଳାଞ୍ଚଳ ମିଶ୍ର,ଏ ଇ ଆଇ ପ୍ରଶାନ୍ତ କୁମାର ବଡତ୍ୟା,ସନ୍ତୋଷ କୁମାର ଗୌଡ଼, ପ୍ରକାଶ ଚନ୍ଦ୍ର ପ୍ରଧାନ,ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ,ବ୍ଲକ ବିଜ୍ଞାନ ଶିକ୍ଷକ ସଂଯୋଜିକା ମେନକା ଦେବୀ ରାଉତଙ୍କ ସମେତ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଇ ଆଇ ହରିହର ବେହେରା ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟରର ୧୪ ଗୋଟି ବିଦ୍ୟାଳୟରୁ ଆସିଥିବା ୨୫୦ ଜଣ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର,ବିତର୍କ,ସୃଜନାତ୍ମକ ଲିଖନ,କୁଇଜ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ କୃତି ପ୍ରତିଯୋଗି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମର ଭଦ୍ରବ୍ୟକ୍ତି ମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସି ଆର ସି ସି ପବନା କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରକୃତ ମାଧ୍ୟମ 'ସୁରଭି'

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧ ପରିସରରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ପ୍ରଧାନଶିକ୍ଷକ ଯୁଧିଷ୍ଠିର ରଣା ସଭାପତିତ୍ୱ କରିଥିଲେ। ଉଦଘାଟନି ଉତ୍ସବରେ ମୁଖ୍ୟଅତିଥି ଭାବେ ଗଜବନ୍ଧ ସରପଞ୍ଚ ବାସନ୍ତୀ ଖେତୀ , ବିଦ୍ୟାଳୟ ପରିଚାଳନା କମିଟି ଆଧକ୍ଷା ସଂଯୁକ୍ତା ବେରିଆ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ମୁଖ୍ୟବକ୍ତା,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ମହାକୁର,ବିନିକା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର କାଳସାଏ, ପୂର୍ବତନ ସିଆରସିସି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆକାଶବାଣୀ କଳାକାର ରେଖାରାମ ବାଘ, ବରିଷ୍ଠ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ରଣା,ଗଜବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କିଶୋର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ଓତା, ବିରତିଆ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରକୃଷ୍ଟ ମାଧ୍ୟମ ସୁରଭି ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ସିଆରସିସି ନରେନ୍ଦ୍ର ପୁରୋହିତ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦାନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଚିତ୍ରାଙ୍କନ ଓ ସଂଗୀତରେ ଅଂଶ ଗ୍ରହଣ କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। କ୍ଲଷ୍ଟରର ସମସ୍ତ ପ୍ରାଥମିକ,ଉଚ୍ଚ ପ୍ରାଥମିକ,ଉଚ୍ଚ ବିଦ୍ୟାଳୟ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ,ଗୀତ,ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ,ମୌଳିକ ସଂଖ୍ୟାଜ୍ଞାନ ଗଣିତ ଦୌଡ଼, ଗଣିତ କୁଇଜ, ଗଳ୍ପକଥନ ପରି ବିଭିନ୍ନ ପ୍ରତିଯୋଗିତାରେ ୩୭ ଟି ବର୍ଗରେ ଭାଗ ନେଇଥିଲେ। ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ସହ ଉତ୍ସାହିତ କରାଯାଇଥିଲା। ପ୍ରଥମ ସ୍ଥାନରେ ରହିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ହେବାକୁ ଥିବା ବ୍ଲକ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି,ଭୀମଟିକିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପଣ୍ଡା, ଚିନାଜୁରୀ ସିଆରସିସି ରମେଶ ଭୋଇ,ଇଚ୍ଛାପୁର ସିଆରସିସି ସୁଧାଂସୁ ସାହୁ, ରାମପୁର ସିଆରସିସି ପ୍ରଦୀପ୍ତକିଶୋର ଦାଶ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନା, ଶିକ୍ଷକ କୁଶ ଭୋଇ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ କିଶୋର ନାୟକ, ଚିତ୍ରଶିଳ୍ପୀ ପ୍ରସନ୍ନ ତାଣ୍ଡି ,ଲିଙ୍ଗରାଜ ପୁଟେଲ ସ୍ୱତନ୍ତ୍ର ବିଚାରକ ଭାବେ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ସମଗ୍ର ଶିକ୍ଷା ବିଭାଗର ସମୀକ୍ଷା ବୈଠକ



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ସମଗ୍ର ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗ ଅଧିନରେ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରାଯାଇଥିଲା। ଜିଲ୍ଲାର ୯ଗୋଟି ବ୍ଲକର ବିଇଓ, ଟିସି ମାନଙ୍କର ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ପୁରା ତନଖି ପୂର୍ବକ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକ ଓ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ସେଠୀ ଉକ୍ତ ବୈଠକକୁ ସଂଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରିଥିଲେ।

# ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରକାଶରେ ସୁରଭି ସହାୟକ ହୋଇଥାଏ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ 'ମାୟାବାର୍ହା କ୍ଲଷ୍ଟର ସ୍ତରୀୟ ସୁରଭି - ୨୦୨୬' ପ୍ରତିଭାର ପରିପ୍ରକାଶରେ ପ୍ରସ୍ଫୁଟିତ ହେଲା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଆଜିର ଶିଶୁ ହେଉଛନ୍ତି ଆସନ୍ତାକାଲିର ନାଗରିକ। ଛୋଟ ପିଲାଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳତା, କଳା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କର ମନରେ ଆତ୍ମବିଶ୍ୱାସ ଓ ନୂତନ ସ୍ୱପ୍ନର ମଞ୍ଜି ବୁଣିବା ଲକ୍ଷ୍ୟରେ ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ମାୟାବାର୍ହା କ୍ଲଷ୍ଟର ସ୍ତରୀୟ ସୁରଭି - ୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ସାହୁଙ୍କ ସଭାପତିତ୍ୱରେ ଏବଂ ସହକାରୀ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ ଓ ଶିଶୁମାନଙ୍କ ପ୍ରତିଭାର ବିକାଶ ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରି ଶିକ୍ଷୟିତ୍ରୀ ରଶ୍ମିତା ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇଥିଲେ ଓ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ସବୁ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜର ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ହେମାଙ୍ଗିନୀ ଭୋଇ, ଶିକ୍ଷକ ସରୋଜ କୁମାର ବାଗ ଓ ସୁବଳ କୁମାର ମାଝୀ, ତଥା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ। ଦ୍ୱିତୀୟ ଅଧିବେଶନ ସିଆରସିସି ସୌରଭ ସାହୁଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ସହ ଶିକ୍ଷାଅଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ବାସୁଦେବ ରାୟ ଯୋଗଦେଇଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ ଯେ ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ କିଛି ନା କିଛି ସ୍ୱତନ୍ତ୍ର ପ୍ରତିଭା ଲୁଚି ରହିଛି, ଉପଯୁକ୍ତ ସୁଯୋଗ ଓ ମାର୍ଗଦର୍ଶନ ମିଳିଲେ ସେହି ପ୍ରତିଭା ଦିନେ ସଫଳତାର ଶିଖର ଛୁଇଁପାରିବ। ଏହା ପରେ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ନୃତ୍ୟକୁ ପରିଚାଳନା କରିଥିଲେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ଓ ପ୍ରତିମା ପଣ୍ଡା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ସହକାରୀ ଶିକ୍ଷକ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

# ବ୍ରହ୍ମ କୁମାରୀ ପକ୍ଷରୁ ଚୈତନ୍ୟ ଦେବୀ ଝାଙ୍କି ପାଳିତ

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଉମୁରୀ ଧର୍ମ ଶରଣ ପୁରରେ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଓଁ ଶାନ୍ତି ପକ୍ଷରୁ ଚୈତନ୍ୟ ଦେବୀ ନବଦୁର୍ଗାଙ୍କ ଝାଙ୍କି ପାଳିତ ହୋଇଯାଇଛି। ରାଜ ଯୋଗିନୀ କସ୍ତୁରୀ ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଧର୍ମ ଉପରେ ଧର୍ମର ଜୟ, ଅନ୍ୟାୟ ଉପରେ ନ୍ୟାୟର ଜୟ, ଅସତ୍ୟ ଉପରେ ସତ୍ୟର ବିଜୟ କୁନେଇ ସ୍ଥାନୀୟ କଳାକାର ମାନଙ୍କୁ ନେଇ ନାଟକ ପରିବେଷଣ ହୋଇଥିଲା। ସମାଜରେ ଆସୁରିକ ଶକ୍ତିର ବିନାଶ କରି ଶାନ୍ତି ଓ ଅହିଂସା ପ୍ରତିଷ୍ଠା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବି. କେ ସୁନିତା ଓ ବି.କେ ଯମୁନା ଭଉଣୀ ସୁପରିଚାଳନା କରିଥିଲେ।

# ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସ୍ଥିତ ପିଏମ ଶ୍ରୀ ମହାରାଜା ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବୀ ନେଇ ଓଡ଼ିଶା ସରକାରଙ୍କ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶଙ୍କୁ ଆଜି ଏକ ଦାବୀପତ୍ର ସହରର ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଶ୍ରୀମତୀ ଦାଶଙ୍କ ସୁବର୍ଣ୍ଣପୁର ଗସ୍ତ ଅବସରରେ ସ୍ଥାନିୟ ସର୍କିଟ ହାଉସ ଠାରେ ମହାରାଜା ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ସହ ସୁବର୍ଣ୍ଣପୁରରେ ଖାଲି ପଡ଼ିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପଦବୀ ଶୀଘ୍ର ନିଯୁକ୍ତି ଦାବି ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମାଜସେବୀ ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ବିଜୟ କେତନ ରାୟଗୁରୁ, ଜନ୍ମେଜୟ ପାତ୍ର, ଶେଷଦେବ ମେହେର ଏବଂ ଶିକ୍ଷକ ପ୍ରମୁଖ ଦାବୀ ପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଏବଂ ଏ ନେଇ ବିସ୍ତୃତ ଆଲୋଚନାରେ ପ୍ରଧାନ ଶିକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀ ନିଯୁକ୍ତି ପାଇଁ ଶ୍ରୀମତୀ ଦାଶ ଦୃଢ଼ ପ୍ରତିଶୃତି ଦେଇଥିବା ସମାଜସେବୀ ଗୋବିନ୍ଦ ମହାରଣା ପ୍ରକାଶ କରିଛନ୍ତି।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଏସବିଆଇ ଗ୍ରାହକଙ୍କ ରେକର୍ଡ ଲିକ୍

ଏସବିଆଇ ଗ୍ରାହକ ସାବଧାନ । ବିପଦରେ ଆପଣଙ୍କ ଜମାପୁଞ୍ଜି ! ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୩,୮୯୭ ଗ୍ରାହକଙ୍କ ରେକର୍ଡ ଡାର୍କ ୱେବରେ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି । ଏଥିରେ ନାମ, ମୋବାଇଲ୍ ନମ୍ବରଠାରୁ ଘର ଠିକଣା ଏବଂ ଋଣ ବାବଦରେ ସୂଚନା ସାମିଲ ରହିଛି । ଦେଶର ସର୍ବବୃହତ୍ ସରକାରୀ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରାହକଙ୍କ ତଥ୍ୟକୁ ନେଇ ଚିନ୍ତା ବଢ଼ିଛି । ଡାର୍କ ୱେବରେ ୩,୮୯୭ ଗ୍ରାହକଙ୍କ ରେକର୍ଡ ଲିକ୍ ହେବାର ଆଶଙ୍କା ପ୍ରକାଶ କରିଛି ବ୍ୟାଙ୍କ । ଠକେଇ ମାମଲା ଆଶଙ୍କା କରି ବ୍ୟାଙ୍କ ଯାଞ୍ଚ ଆରମ୍ଭ କରିଛି । ଯଦି ଆପଣ ଏସବିଆଇ ଗ୍ରାହକ ତେବେ ଅଜଣା ଫୋନ୍ କଲରୁ ସତର୍କ ରୁହନ୍ତୁ । ଏସବିଆଇ କହିବା ଅନୁସାରେ, ଅକ୍ଟୋବର ୧୬ ତାରିଖରେ ବ୍ୟାଙ୍କକୁ ଏହି ଘଟଣାରେ ଏକ ଚେତାବନୀ ମିଳିଥିଲା। ସେବେଠାରୁ ବ୍ୟାଙ୍କ ଏହି ସାଇବର ଘଟଣାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଆରମ୍ଭ କରିଛି ଏବଂ ଘଟଣାର ତଦନ୍ତ ପାଇଁ ସାଇବର ସୁରକ୍ଷା ଏଜେନ୍ସିର ସାହାଯ୍ୟ ନେଇଛି । ଏହି ତଥ୍ୟ କେତେ ସଠିକ୍ ଭାବରେ ପ୍ରକାଶ ପାଇଛି, ଏହା କେଉଁଠୁ ଆସିଛି ଏବଂ ଏହା ଗ୍ରାହକଙ୍କ ପାଇଁ କେତେ ବିପଦ ସୃଷ୍ଟି କରିପାରେ ତାହା ଜାଣିବାକୁ ବ୍ୟାଙ୍କ ଚେଷ୍ଟା କରୁଛି । ବ୍ୟାଙ୍କ ଏହା ମଧ୍ୟ କହିଛି ଯେ ଏହି ଘଟଣା ହେତୁ ଏହାର ବ୍ୟାଙ୍କିଙ୍ଗ କାର୍ଯ୍ୟ ଏବଂ ସେବା ଉପରେ କୌଣସି ବଡ଼ ପ୍ରଭାବ ପଡିନାହିଁ। କିନ୍ତୁ ଗ୍ରାହକଙ୍କ ପାଇଁ ଏହି ମାମଲା ଗୁରୁତ୍ୱପୂର୍ଣ୍ଣ, କାରଣ ବ୍ୟକ୍ତିଗତ ବିବରଣୀର ଅପବ୍ୟବହାର କରି ନକଲି କଲ୍, ମେସେଜ୍ ଏବଂ ଅନଲାଇନ୍ ଠକେଇ ଚେଷ୍ଟା କରାଯାଇପାରେ । ଡାର୍କ ୱେବରେ ଏସବିଆଇ ଗ୍ରାହକଙ୍କ ତଥ୍ୟା ଲିକ୍- ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୧୬ ତାରିଖରେ ଏସବିଆଇ ଏହାର ଥ୍ରେଟ୍ ଇଣ୍ଟେଲିଜେନ୍ସ ସର୍ଭିସ୍ ପ୍ରୋଭାଇଡର, ଡିଫେନ୍ସ ସାଇବର ଏଜେନ୍ସି ଏବଂ ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ୍ (ସିଇଆରଟି-ଇନ୍) ଠାରୁ ଏ ବିଷୟରେ ଏକ ଆଲର୍ଟ ପାଇଥିଲା । ଏହି ଆଲର୍ଟରେ ଡାର୍କ ୱେବରେ ଗ୍ରାହକଙ୍କ ତଥ୍ୟ ପ୍ରକାଶ ପାଇବା ବିଷୟରେ ସୂଚନା ଦିଆଯାଇଥିଲା । ବ୍ୟାଙ୍କ କହିଛି ଯେ, ଡାର୍କ ୱେବରେ ଉପଲବ୍ଧ ପ୍ରାୟ ୩.୭୫ ଲକ୍ଷ ରେକର୍ଡର ପ୍ରାରମ୍ଭିକ ଆକଳନରେ ୩,୮୯୭ ଗ୍ରାହକ ରେକର୍ଡ ଚିହ୍ନଟ କରାଯାଇଥିଲା ଯେଉଁଥିରେ ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ ସୂଚନା ରହିଥିଲା । ଏହି ମାମଲାରେ ମିଳିଥିବା ସୂଚନା ଅନୁଯାୟୀ, ରେକର୍ଡରେ ଅନେକ ପ୍ରକାରର ବ୍ୟକ୍ତିଗତ ଏବଂ ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ବିବରଣୀ ରହିଛି । ଏଥିରେ ଗ୍ରାହକଙ୍କ ନାମ, ପଞ୍ଜୀକୃତ ମୋବାଇଲ୍ ନମ୍ବର, ଜନ୍ମ ତାରିଖ, ଇମେଲ୍ ଆଇଡି ଏବଂ ଘର ଠିକଣା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଏହି ତାଲିକାରେ ଶାଖା, ସିଆଇଏଫ୍ ଅର୍ଥାତ୍ ଗ୍ରାହକ ଫାଇଲ୍ ନମ୍ବର, ଲିଡ୍ ଆଇଡି ଏବଂ ଋଣ ସମ୍ବନ୍ଧୀୟ ବିବରଣୀ ଏବଂ ଲିଡ୍ ରେକର୍ଡ ସମ୍ବନ୍ଧୀୟ ସୂଚନା ମଧ୍ୟ ଲିକ୍ ହୋଇଛି । ଯଦି ଆପଣ ଏସବିଆଇର ଗ୍ରାହକ, ତେବେ ଆପଣ କିଛି ସତର୍କତା ଅବଲମ୍ବନ କରି ଅନଲାଇନ୍ ଠକେଇର ବିପଦକୁ ଏଡାଇପାରିବେ । ପ୍ରଥମତଃ, ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିବା, କେୱାଇସି ଅପଡେଟ୍ କରିବା କିମ୍ବା ଟଙ୍କା ସୁରକ୍ଷିତ ରଖିବା ନାମରେ ତୁରନ୍ତ କିଛି କରିବାକୁ କୁହାଯାଉଥିବା ଫୋନ୍ କଲ୍ କିମ୍ବା ମେସେଜକୁ ଅଣଦେଖା କରନ୍ତୁ । ଆପଣଙ୍କ ଆକାଉଣ୍ଟରୁ ଟ୍ରାଞ୍ଜାକସନସ୍ ଉପରେ ନଜର ରଖନ୍ତୁ। ଯଦି ଆପଣ ଏପରି ଏକ ଟ୍ରାଞ୍ଜାକସନ୍ ଦେଖନ୍ତି ଯାହା ଆପଣ କରିନାହାଁନ୍ତି,ତେବେ ତୁରନ୍ତ ବ୍ୟାଙ୍କକୁ ସୂଚିତ କରନ୍ତୁ । ଏଥିସହ ଇମେଲ ଓ ମେସେଜରେ ଥିବା ସନ୍ଦେହଜନକ ଲିଙ୍କଠାରୁ ଦୂରେଇ ରୁହନ୍ତୁ । ଯଦି କୌଣସି ବ୍ୟକ୍ତି ଏସବିଆଇର କର୍ମଚାରୀ ବୋଲି ଦାବି କରି ଓଟିପି, ପିନ୍ କିମ୍ବା ପାସୱାର୍ଡ ମାଗନ୍ତି, ତେବେ ତାଙ୍କୁ ଏହି ସୂଚନା ଦିଅନ୍ତୁ ନାହିଁ । ଏହି ଘଟଣାରେ ଆପଣଙ୍କର ଡାଟା ପ୍ରଭାବିତ ହୋଇଛି କି ନାହିଁ ତାହା ନିର୍ବିଶେଷରେ ବ୍ୟାଙ୍କିଂ ସୁରକ୍ଷା ପାଇଁ ଏହି ଜିନିଷଗୁଡ଼ିକୁ ଧ୍ୟାନରେ ରଖିବା ଗୁରୁତ୍ୱପୂର୍ଣ୍ଣ।

# ପୁରୀ ଗୋସାଣୀ ଯାତ୍ରାରେ ନାଗାପୂଜା କାହିଁକି ?



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ପ୍ରତିବର୍ଷ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେଉଥିବା 'ଗୋସାଣୀ ଯାତ୍ରା'ର ଅନ୍ୟତମ ଆକର୍ଷଣ ହେଉଛି, ବିରାଟକାୟ ନାଗାମୂର୍ତ୍ତୀ । ଶ୍ରୀକ୍ଷେତ୍ରରେ ଶାରଦୀୟ ଦୁର୍ଗୋତ୍ସବକୁ 'ଗୋସାଣୀ ଯାତ' କୁହାଯାଏ। ବାସ୍ତବ କ୍ଷେତ୍ରରେ ଶ୍ରୀକ୍ଷେତ୍ରରେ ସମସ୍ତ ମୃଣ୍ମୟ ମୂର୍ତ୍ତି ପୀଠରୁ ମେଳନ ବା ବିସର୍ଜନ ଉଦ୍ଦେଶ୍ୟରେ ବାହାରିବା ପୂର୍ବରୁ ଦଶହରା ଦିନ 'ବିସର୍ଜନ ପୂଜା' କରାଯାଉଥିବାରୁ ସେମାନଙ୍କୁ ଗୋସାଣୀ କୁହାଯାଏ। ମନ୍ତ୍ରଦ୍ୱାରା ବିଗ୍ରହରେ ଥିବା ଦୈବୀଶକ୍ତିକୁ ଆବାହନ କରି ଶକ୍ତିକୁ ବିସର୍ଜନ କରି ଦିଆଯାଉଥିବାରୁ ଏମାନଙ୍କୁ 'ଅଶରୀରୀ'ବା 'ଗୋସାଣୀ' କୁହାଯିବା ଶ୍ରୀକ୍ଷେତ୍ରର ଏକ ଲୋକ ଭାଷା, ଯାହା ଅନ୍ୟତ୍ର ନାହିଁ। ଏକାଦଶୀ ଦିନ ଗୋସାଣୀ ମେଳନରେ ସହରର ସମସ୍ତ ସାହି ଗଳିକନ୍ଦିରେ ପୂଜିତ ମା' ଦୁର୍ଗା ବା ଗୋସାଣୀମାନେ ସେଦିନ ସିଂହଦ୍ୱାରରେ ଏକତ୍ରିତ ହେବା ସହିତ ପୁରାତନ ସାହି ମାନଙ୍କରେ ପୂଜା ପାଉଥିବା ନାଗା ମୂର୍ତ୍ତିଗୁଡିକ ଆସି ଥାଆନ୍ତି । ଏହି ବିରାଟକାୟ 'ନାଗାମୂର୍ତ୍ତି' ଗୁଡିକ ହେଉଛି ମା' ଦୁର୍ଗାଙ୍କର ବୀରତ୍ୱର ମୂର୍ତ୍ତିମନ୍ତ ପ୍ରତୀକ। ପ୍ରଶ୍ନ ଉଠେ ଦୁର୍ଗା ପୂଜାରେ ନାଗା କାହିଁକି ?

ଇତିହାସରୁ ଜଣାଯାଏ ନାଗା ହେଉଛି ଏକ ସମ୍ପ୍ରଦାୟ ଯାହାକି ଆଦି ଶଙ୍କରଙ୍କ ଦ୍ୱାରା ସୃଷ୍ଟ 'ଦଶନାମୀ ସମ୍ପ୍ରଦାୟ'ର ଏକ ପ୍ରମୁଖ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ଭାରତରେ ହିନ୍ଦୁମଠ, ମନ୍ଦିର ଓ ଏହାର ପୃଷ୍ଠପୋଷକମାନଙ୍କର ରକ୍ଷାପାଇଁ ଉଦ୍ଦିଷ୍ଟ ଥିଲା। ସେଥିପାଇଁ ଶଙ୍କରାଚାର୍ଯ୍ୟ ଭାରତର ମୁଖ୍ୟ ତୀର୍ଥକ୍ଷେତ୍ର ମାନଙ୍କରେ 'ଆଖଡ଼ା'ମାନ ପ୍ରତିଷ୍ଠା କରି ନାଗାବୀରମାନଙ୍କୁ 'ନାଗାସାଧୁ' ଆଖ୍ୟା ଦେଇ ଆକ୍ରମଣକାରୀ ଶତ୍ରୁ ବିଶେଷ ଭାବେ ମୁସଲମାନ ଓ ମୋଗଲମାନଙ୍କୁ ପ୍ରତିହତ କରିବାର ଦାୟିତ୍ୱ ଦେଇଥିଲେ। ଏମାନଙ୍କୁ କୁହାଯାଉଥିଲା 'ନାଗାବାଗା ସାଧୁ'। ମନ୍ତ୍ର ଥିଲା -'ନା ଆଗକୁ କେହି ନାହିଁ, ନାଁ ପଛକୁ। ମାରିବୁ ନ ହେଲେ ମରିବୁ। ମାତ୍ର ଧର୍ମରକ୍ଷା କରିବୁ'। ସେହି ନାଗା ବୀରତ୍ୱର ପ୍ରତୀକ ସ୍ୱରୂପ ପୁରୀରେ ନାଗା ବିଗ୍ରହ ନିର୍ମାଣ ଓ ଆନୁମାନିକ ୧୬୪୭ ଖ୍ରୀଷ୍ଟାବ୍ଦ ପରେ ନାଗା ଉପାସନା ବା ନାଗାପୂଜାର ପ୍ରଚଳନ ଆରମ୍ଭ ହୋଇଥିଲା। ଏହି ନାଗା ମାନଙ୍କର ଠାଣି, ନାଗା ଚାହାଁଣି ଓ ନାଗା ନୃତ୍ୟ ପ୍ରାୟ ଶହେ ବର୍ଷ ତଳରୁ ଓଡିଶାର ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ନେଇଛି । ସନ୍ନ୍ୟାସ ଗ୍ରହଣ କରିଥିବା 'ନାଗାସାଧୁ' ମାନଙ୍କର ପାଞ୍ଚଗୁରୁ ଥାଆନ୍ତି । ସେମାନେ ହେଲେ ପାଞ୍ଚ ପରମେଶ୍ୱର ଶିବ, ବିଷ୍ଣୁ, ଶକ୍ତି, ସୂର୍ଯ୍ୟ ଓ ଗଣେଷ । ନାଗା ଆଖଡାରେ ମହାପୁରୁଷ ପର୍ଯ୍ୟାୟ ପ୍ରାପ୍ତି ପରେ ସେମାନଙ୍କୁ ଅବଧୂତ ହେବାକୁ ପଡେ । ନିଜକୁ ପରିବାର ଓ ସାମାଜ ପାଇଁ ମୃତ ମାନିନେଇ ନିଜେ, ନିଜ ହାତରେ ଶ୍ରାଦ୍ଧକର୍ମ କରି ପିଣ୍ଡଦାନ କରିଥାଆନ୍ତି। ଆଖଡାର ପୁରାହିତଙ୍କ ଦ୍ୱାରା ଏହା କରାଯାଏ । ଏହାପରେ ସାଧୁଙ୍କୁ ନଗ୍ନ ଅବସ୍ଥାରେ ଆଖଡାର ଧ୍ୱଜ ତଳେ ୨୪ ଘଣ୍ଟା ଛିଡାହୋଇ ରହିବାକୁ ପଡେ । ଏହା ପରେ କେହି ଜଣେ ବରିଷ୍ଠ ନାଗା ସାଧୁ ଉକ୍ତ ନୂଆ ସଦସ୍ୟଙ୍କର ଜନନେନ୍ଦ୍ରିୟର ଏକ ବିଶେଷ ଶିରା ଟାଣି ତାଙ୍କୁ 'ନପୁଂସକ' କରିଦିଆଯାଏ। ଫଳତଃ ସେ ଦିଗମ୍ବର ସାଧୁରେ ପରିଣତ ହୁଅନ୍ତି । ନାଗାସାଧୁଙ୍କର ପ୍ରମୁଖ ପରିଧାନ ହେଉଛି ଭସ୍ମ ଏବଂ ରୁଦ୍ରାକ୍ଷ । ସେମାନେ ପ୍ରତିଦିନ ଦେହରେ ସତେଜ ଭସ୍ମ ବୋଳି ଦିନରେ ଥରେ ମାତ୍ର ଭୋଜନ କରିନ୍ତି। ଭିକ୍ଷା କରି ସେମାନେ ଭୋଜନ ସଂଗ୍ରହ କରନ୍ତି । ଜଣେ ସାଧୁ ଦିନରେ ମାତ୍ର ସାତୋଟି ଗୃହରୁ ଭିକ୍ଷା ନେଇଥାଆନ୍ତି । ଏହି ସାତୋଟି ଘରୁ ଯଦି ଭିକ୍ଷା ନ ମିଳେ ତେବେ ଦିନସାରା ଉପାସ ରହିବାକୁ ପଡେ । ନାଗା ସାଧୁମାନେ କେବଳ ଭୂମିରେ ଶୟନ କରନ୍ତି। କାହାକୁ ପ୍ରଣାମ କରନ୍ତି ନାହିଁ। ସେମାନଙ୍କୁ ସେନା ପରି ପ୍ରଶିକ୍ଷଣ ଦିଆଯାଇଥାଏ ।

ନାଗା ନାରୀ ଷୋଳ ଶୃଙ୍ଗାର କରୁଥିବା ବେଳେ ନାଗାମାନେ ଲେଙ୍ଗୁଟି, ବିଭୂତି, ଚନ୍ଦନ, ପାଦ ଓ ହାତରେ ଲୁହା କିମ୍ବା ଚାନ୍ଦିର କଡା, ମୁଦି, ପଞ୍ଚକେଶ, କଟିରେ ଫୁଲମାଳ, ମଥାରେ କୁଙ୍କୁମ, କୁଣ୍ଡଳ, ହାତରେ ଚିମୁଟା, ଡମ୍ବରୁ କିମ୍ବା କମଣ୍ଡଳୁ, ଗୁନ୍ଥାଯାଇଥିବା ଜଟ, ତିଳକ, କଜ୍ଜଳ, ରୁଦ୍ରାକ୍ଷମାଳ ଆଦି ଷୋଳଟି ଦ୍ରବ୍ୟ ସହ ସପ୍ତଦଶ ସାମଗ୍ରୀ ଥାଏ ଭସ୍ମ । ମହିଳା ନାଗା ସାଧୁ ମାନଙ୍କର ପରୀକ୍ଷା ଅଧିକ କଠିଣ । ସେମାନଙ୍କୁ ୧୦ରୁ ୧୫ ବର୍ଷ ନିଜ ବ୍ରହ୍ମଚର୍ଯ୍ୟର ପରୀକ୍ଷା ଦେବାକୁ ପଡେ। ଏହାପରେ ସେମାନେ ନିଜର ପିଣ୍ଡଦାନ କରନ୍ତି । ନଦୀରେ ସ୍ନାନକରି ଦିନଯାକ ଭଗବାନଙ୍କ ନାମ ଜପ କରନ୍ତି । ଆଖଡାରେ ସେମାନେ ପୁରୁଷଙ୍କ ସହିତ ରହୁଥିଲେ ମଧ୍ୟ ସେମାନଙ୍କୁ ପୂର୍ଣ୍ଣ ସମ୍ମାନ ଦିଆଯାଇଥାଏ।

ଇତିହାସକାରମାନେ କହନ୍ତି ୧୬୪୭ଖ୍ରୀଷ୍ଟାବ୍ଦରେ କଟକରେ ବଙ୍ଗଳାର ଅମୀର ନବାବ ଫତେ ଖାଁ ଶ୍ରୀମନ୍ଦିର ଲୁଣ୍ଠନ ପାଇଁ ପୁରୀ ଆସି ପ୍ରଥମେ ପୁରୀର ବାଲିସାହିରେ ଥିବା ଶ୍ରୀନହର ଉପରେ ଆକ୍ରମଣ କରି ରାଜା ନରସିଂହ ଦେବଙ୍କୁ ହତ୍ୟା କରିଥିଲା । ରାଜାଙ୍କର ସୈନ୍ୟ ନଥିବାରୁ ସେତେବେଳେ ଫତେ ଖାଁଙ୍କୁ ପୁରୀରେ ଥିବା ଏହି ନାଗାମାନଙ୍କର ପ୍ରବଳ ପ୍ରତିରୋଧ ଓ ରକ୍ତାକ୍ତ ଲଢେଇ ଇତିହାସରେ ଲିପବଦ୍ଧ ରହିଛି । ଏହି ରକ୍ତାକ୍ତ ଲଢେଇରେ ନାଗାମାନଙ୍କର ମର୍ମନ୍ତୁଦ ମୃତ୍ୟୁ ହେଲେହେଁ ସେମାନେ ଫତେ ଖାଁକୁ ସିଂହଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରାଇ ଦେଇ ନ ଥିଲେ । ଫତେ ଖାଁ ଦକ୍ଷିଣ ଦ୍ୱାର ବାଟେ ପ୍ରବେଶ କରି ଧନରତ୍ନ ଲୁଟି ଫେରି ଯାଇଥିଲା । ସୈନ୍ୟ ମାନଙ୍କୁ ବଡଦାଣ୍ଡରେ ଗୋଡେଇ ଗୋଡେଇ ନାଗାମାନେ ହତ୍ୟା କରିଥଲେ । ସେ ସମୟର ନାଗାମାନଙ୍କର ବୀରତ୍ୱର କାହାଣୀ ଓ ସେହି ସ୍ମୃତିକୁ ଧରି ରଖିବାପାଇଁ ପୁରୀବାସୀ ବିଶେଷତଃ ବାଲିସାହି ଓ ହରଚଣ୍ଡି ସାହି ଜାଗା ଆଖଡାର ପୃଷ୍ଠପୋଷକମାନେ ନାଗାମୂର୍ତ୍ତି ଗଢି ନାଗାପୂଜାର ପ୍ରଚଳନ କରିଥିଲେ । ନାଗା କୌଣସି ସାଧୁର ପ୍ରତିମୂର୍ତ୍ତି ନୁହେଁ , ବୀରତ୍ୱର ପ୍ରତୀକ ମହିଷମର୍ଦ୍ଦିନୀ ଦୁର୍ଗାଙ୍କର ପ୍ରତିମୂର୍ତ୍ତି ।



# ଦେବୀ ସ୍କନ୍ଦମାତା ମା' ଦୁର୍ଗାଙ୍କ ପଞ୍ଚମା ସ୍ୱରୂପା



ହେମନ୍ତ କୁମାର ଗନ୍ତାୟତ
ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ।
ମୋ-୯୮୬୧୩୩୪୮୬୮

ଆଦ୍ୟାଶକ୍ତି ଦୁର୍ଗାଙ୍କ ପଞ୍ଚମା ସ୍ୱରୂପା ଅଟନ୍ତି ଦେବୀ ସ୍କନ୍ଦମାତା। ପବିତ୍ର ନବରାତ୍ରର ପଞ୍ଚମ ଦିବସରେ ସ୍କନ୍ଦମାତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ସେ ସନ୍ତାନ ସୁଖର ପ୍ରଦାନକାରୀ ଏବଂ ଜ୍ଞାନର ଦେବୀ ଭାବେ ସାରା ସଂସାରରେ ବିଖ୍ୟାତ ଅଟନ୍ତି । ଦେବୀ ପୁରାଣ ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କର ଜ୍ୟେଷ୍ଠ ପୁତ୍ର ହେଉଛନ୍ତି କୁମାର କାର୍ତ୍ତିକେୟ, ଯେକି ଦେବତାମାନଙ୍କର ସେନାପତି ଅଟନ୍ତି। ଭଗବାନ କାର୍ତ୍ତିକେୟଙ୍କର ଅପର ଏକ ନାମ ହେଉଛି 'ସ୍କନ୍ଦ'। ଭଗବତୀ ପାର୍ବତୀ ନିଜ କୋଳରେ ଶିଶୁ ପୁତ୍ର ସ୍କନ୍ଦ (କାର୍ତ୍ତିକେୟ)ଙ୍କୁ ଏ ରୂପରେ ବସାଇଛନ୍ତି, ତେଣୁ ତାଙ୍କୁ 'ସ୍କନ୍ଦମାତା' ବୋଲି କୁହାଯାଏ । ପୌରାଣିକ ମାନ୍ୟତା ଅନୁଯାୟୀ, ତାରକାସୁର ନାମକ ଏକ ଶକ୍ତିଶାଳୀ ରାକ୍ଷସ ଥିଲା। ସେ ବ୍ରହ୍ମାଙ୍କ ଠାରୁ ଏପରି ଏକ ବର ପାଇଥିଲା ଯେ, କେବଳ ଭଗବାନ ଶିବଙ୍କ ପୁତ୍ର ହିଁ ତାକୁ ବଧ କରିପାରିବ। ଏପରି ବର ଯୋଗୁଁ ତାରକାସୁର ଭାବିନେଲା, ଶିବ ତ ସନ୍ନ୍ୟାସୀ, ତାଙ୍କର ପୁତ୍ର ହେବେ ନାହିଁ। ତେଣୁ ସେ ଅମର ବୋଲି ଚିନ୍ତାକରି ଦେବତାମାନଙ୍କୁ ଅତ୍ୟାଚାର ଆରମ୍ଭ କରିବାକୁ ଲାଗିଲା। ଇତି ମଧ୍ୟରେ ଶିବ-ପାର୍ବତୀଙ୍କର ପୁତ୍ର କାର୍ତ୍ତିକେୟ ଜନ୍ମ ନେଲେ। ତାଙ୍କୁ ମା' ପାର୍ବତୀ ଯୁଦ୍ଧ ବିଦ୍ୟାରେ ପ୍ରଶିକ୍ଷିତ କରିବା ସହ କୋଳରେ ଧରି ସ୍କନ୍ଦମାତା ରୂପ ଧାରଣ କରିଥିଲେ। ପରବର୍ତ୍ତୀ ସମୟରେ କାର୍ତ୍ତିକେୟ ଦେବସେନାର ସେନାପତି ହୋଇ ତାରକାସୁରକୁ ବଧକରିବା ସହ ସ୍ୱର୍ଗପୁରକୁ ରାକ୍ଷାସ କବଳରୁ ମୁକ୍ତି ଦେଇଥିଲେ।

ଏହି ମା'ଙ୍କ ସ୍ୱରୂପା ଅତ୍ୟନ୍ତ ମନୋହାରିଣୀ । ସେ ଚତୁର୍ଭୁଜା ଅଟନ୍ତି। ଦେବୀ ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ପଦ୍ମ ପୁଷ୍ପ , ବାମ ହସ୍ତରେ ବରଦମୁଦ୍ରା, ଅଧ ହସ୍ତରେ ଶ୍ୱେତ କମଳପୁଷ୍ପ ଏବଂ ଅନ୍ୟ ହସ୍ତରେ ପୁତ୍ର ସ୍କନ୍ଦଙ୍କୁ ଧରି ପଦ୍ମ ଫୁଲରେ ବିରାଜମାନ କରିଥାନ୍ତି । ଏହି କାରଣରୁ ଦେବୀଙ୍କୁ ପଦ୍ମାସନା ବୋଲି ମଧ୍ୟ କୁହାଯାଏ। ଭଗବତୀଙ୍କ ବାହନ ସିଂହ ଅଟେ । ମା'ଙ୍କର ମୁଖମଣ୍ଡଳରୁ ଏକ ଅଲୌକିକ ତେଜ ବାହାରିଥାଏ, ଯାହା ଭକ୍ତଙ୍କୁ ମାତୃତ୍ୱର ପ୍ରେମ ପ୍ରଦାନ କରିଥାଏ।

ନବରାତ୍ରର ପଞ୍ଚମ ଦିନରେ ଯୋଗୀଜନ ଏବଂ ସାଧକମାନେ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ-ଶୌଚ କର୍ମ ଇତ୍ୟାଦି ସମାପନ ପରେ ମା'ଙ୍କ ପୂଜା ଆରମ୍ଭ କରିଥାଆନ୍ତି। ପ୍ରଥମେ ଷଟ୍ କର୍ମ କରି ମନକୁ ବିଶୁଦ୍ଧ ଚକ୍ରରେ ରଖି ଏ'ପରି ଧ୍ୟାନ କରିଥାନ୍ତି:

ସିଂହାସନଗତା ନିତ୍ୟଂ
ପଦ୍ମାଶ୍ରିତକରଦ୍ୱୟା ।
ଶୁଭଦାସ୍ତୁ ସଦା ଦ୍ୱୋ ସ୍କନ୍ଦମାତା
ଯଶସ୍ୱିନୀ ?

ଏହାପରେ ମାଆଙ୍କୁ ପବିତ୍ର ଗଙ୍ଗା ଜଳରେ ସ୍ନାନ କରାଇ ସୁବାସିତ ଗନ୍ଧ ଦ୍ୱାରା ପ୍ରଲେପିତ କରିବା ସହ ପଞ୍ଚ ପୁଷ୍ପ , ପଞ୍ଚ ଫଳ ଓ ଗୋ ଦୁଗ୍ଧ ନିର୍ମିତ ମିଷ୍ଟାନ୍ନ ଆଦି ନୈବେଦ୍ୟ କରିଥାନ୍ତି। ସ୍କନ୍ଦମାତାଙ୍କୁ କଦଳୀ ଭୋଗ ଅତ୍ୟନ୍ତ ପ୍ରିୟ, ତେଣୁ ମା'ଙ୍କୁ କଦଳୀ କିମ୍ବା ସେଥିରେ ପ୍ରସ୍ତୁତ ମିଠା ଭୋଗ କଲେ ସେ ଅତିଶୀଘ୍ର ପ୍ରସନ୍ନ ହୋଇଯାନ୍ତି। ମାନ୍ୟତା ରହିଛି ଯେ, ବିଧିବିଧାନରେ ମା'ଙ୍କର ଉପାସନା କଲେ ଜୀବନ କାଳରେ ଆସୁଥିବା କଠିନରୁ କଠିନ ସଂଘର୍ଷ ମଧ୍ୟ ସରଳ ହେବା ସଙ୍ଗେ ସଙ୍ଗେ ସର୍ବତ୍ର ସିଦ୍ଧି ଓ ବିଜୟ ପ୍ରାପ୍ତ ହୋଇଥାଏ । ଯେଉଁ ଦମ୍ପତିଙ୍କର ସନ୍ତାନ ସୁଖ ନଥାଏ, ସେମାନେ ମା'ଙ୍କୁ ଭକ୍ତିର ସହ ପୂଜା କଲେ ସନ୍ତାନ ପ୍ରାପ୍ତି ହୁଏ ଏବଂ ଶତ୍ରୁ ଭୟ ଓ ଜୀବନର ସମସ୍ତ ସଙ୍କଟ ଦୂର ହୋଇଯାଏ। ମା' ସ୍କନ୍ଦମାତାଙ୍କର ଏହି ମାତୃ ସ୍ୱରୂପା ଆମକୁ ଶିଖାଏ ଯେ, ଜୀବନରେ ଯେତେ ବଡ଼ ସଙ୍କଟ ଆସିଲେ ମଧ୍ୟ ସ୍ନେହ, ପ୍ରେମ ଏବଂ ସାହସ ବଳରେ ସବୁ ସମସ୍ୟାର ସମାଧାନ କରାଯାଇପାରିବ।



# ଆମେ ସ୍ୱାଧୀନ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

ଆମେ ସ୍ୱାଧୀନ ଭାରତର ସନ୍ତାନ ... ଆମେ ସ୍ୱାଧୀନ । କିନ୍ତୁ ସ୍ୱାଧୀନତା ମାନେ ସ୍ୱେଚ୍ଛାଚାରିତା ନୁହେଁ, ଦେଶର ସମ୍ବିଧାନରେ ନାଗରିକ ମାନଙ୍କ ଶୃଙ୍ଖଳିତ ଜୀବନ ଯାପନ ପାଇଁ ଅନେକ ନିୟମ ପ୍ରଣୟନ ହୋଇଛି । ଏହାକୁ ବିସ୍ତୃତ ଭାବେ ନବେ ପ୍ରତିଶତ ନାଗରିକ ହୁଏତ ଜାଣି ନଥିବେ। କୂପମଣ୍ଡୁକ ସଦୃଶ ଅଳ୍ପବିଦ୍ୟା ଭୟଙ୍କରୀ ହୁଏ। କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଜାଣିଶୁଣି ନିୟମ ଉଲଂଘନ କରନ୍ତି । ଦେଶର ଅଧିକାଂଶ ଜନତା ଆଇନ ଶୃଙ୍ଖଳା ବିଷୟରେ ଏତେଟା ଜାଣନ୍ତି ନାହିଁ, ଫଳରେ ଏହାର ଫାଇଦା ମଧ୍ୟସ୍ଥି ମାନେ ଉଠାନ୍ତି । ସାମ୍ବିଧାନିକ ଅଧିକାରର ଆଳ ଦେଖାଇ କେଉଁଠି 'ରାସ୍ତା ରୋକ ତ କେଉଁଠି ଭଙ୍ଗାରୁଜା ' କେଉଁଠି ଆଇନକୁ ହାତକୁ ନେବା ଏକ ନିତିଦିନିଆ ଖବରରେ ପରିଣତ ହୋଇ ଗଲାଣି। ଏହା ଉପରେ ସରକାରଙ୍କର କୌଣସି ଅଙ୍କୁଶ ନାହିଁ କି କେହି ନ୍ୟାୟାଳୟଙ୍କର ନିର୍ଦ୍ଦେଶକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରତିନିଧି, ନେତା ତଥା, ପ୍ରଶାସନିକ ଅଧିକାରୀ, ଛାତ୍ର ଛାତ୍ରୀ, ସାଧାରଣ ଜନତା ସମସ୍ତେ ଖୁଲମଖୁଲା ସାମ୍ବିଧାନିକ ସ୍ୱାଧୀନତାକୁ ଅପବ୍ୟବହାର କରି ଚାଲିଛନ୍ତି । ଏହାର କାରଣ ହେଲା ଭାରତୀୟ ସମ୍ବିଧାନର ଜଟିଳ ନିୟମ, ଅଧିନିୟମ ଏବଂ ସଂଶୋଧିତ ନିୟମ ପଢି ବୁଝିବା ଏତେ ସହଜ ନୁହେଁ । ଏହାକୁ ସରଳୀକରଣ କରି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଆଜିର ସରକାରଙ୍କ କାର୍ଯ୍ୟ । ଭାଇ ! ଲୋକେ ଜାଣିବା ଉଚିତ ଯେ କୋଉଟା ଠିକ୍ ଆଉ କୋଉଟା ଭୁଲ। ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଏବଂ ଲୋକଙ୍କର ସରକାରକୁ ହିଁ ଗଣତାନ୍ତ୍ରିକ ସରକାର କୁହାଯାଏ ।

ଗଣତନ୍ତ୍ର ଦେଶରେ ଆମେ କିପରି ସୁନାଗରିକ ହୋଇ ଚଳିବା ତାହା ତୃଣମୂଳ ସ୍ତରରୁ ଶିଖିବା ଉଚିତ୍ ଆଉ ଏହାକୁ କାର୍ଯ୍ୟକାରୀ କରିବା ସରକାରଙ୍କ କାମ । ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଅଫିସ୍ କଚେରୀରେ ଉତ୍ତମ ନାଗରିକ କ'ଣ କରିବା ଉଚିତ୍ ଆଉ କ'ଣ ନ କରିବା ଉଚିତ୍ ସାଧାରଣ ଅପରାଧ ଏବଂ ଧର୍ତ୍ତବ୍ୟ ଅପରାଧ, ଆଚରଣ ବିଧି, ସାଧାରଣ ନାଗରିକଙ୍କ ଅଧିକାର ତଥା ନ୍ୟାୟିକ ବ୍ୟବସ୍ଥା ଉପରେ ପୁରା ନ' ହେଲେ ବି ସମ୍ୟକ ଧାରଣ ଦେବା ଜରୁରୀ ।

କୋଟି କୋଟି ଟଙ୍କାର ଖର୍ଚ୍ଚରେ ସରକାରୀ ପ୍ରଚାର ପ୍ରସାର ହେଉଥିବା ବେଳେ ଏହି ଛୋଟ ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଭାବିବାକୁ କାହାରି ପାଖରେ ବୋଧହୁଏ ସମୟ ନାହିଁ। ସ୍ୱାଧୀନତା ପୂର୍ବରୁ ଅଶିକ୍ଷିତ ଲୋକ ପ୍ରଶାସନିକ ଅଧିକାରୀ ମାନଙ୍କୁ ଡରୁଥିଲେ, ବର୍ତ୍ତମାନ ମଧ୍ୟ ଡରୁଛନ୍ତି। କାରଣ ଯାହା ପାଖରେ କ୍ଷମତା ଅଛି ସେ କ୍ଷମତାକୁ ଅନେକ ସମୟରେ ଅପବ୍ୟବହାର କରୁଛନ୍ତି । ବର୍ତ୍ତମାନ ସମୟରେ ମଧ୍ୟ ସରକାରୀ ଅଫିସ ସମ୍ମୁଖରେ ଲୋକ ଧାଡ଼ିବାନ୍ଧି ବସୁଛନ୍ତି, କାରଣ ତାଙ୍କୁ ଭୁଆଁ ବୁଲାଇ ବାବୁମାନେ ଲୁଟୁଛନ୍ତି । ହସ୍ପିଟାଲରେ ଗରିବଙ୍କ ବାପା ମା' କେହି ନାହାନ୍ତି, ରାତି ସାରା ଶୀତ କାକରରେ ଡାକ୍ତର ପାଇଁ ଅପେକ୍ଷା କରି ଦଲାଲଙ୍କ ହାବୁଡ଼େ ପଡୁଛନ୍ତି । ଔଷଧ କମ୍ପାନୀ ମାନେ ମନଇଚ୍ଛା ଦର ବଢ଼ାଇ ଅସହାୟ ରୋଗୀଙ୍କୁ ଲୁଟି ଡାକ୍ତରଙ୍କୁ କମିଶନ ଦେବା ଏକ ସାଧାରଣ କଥା ହୋଇ ଯାଇଛି । କିଛି କହିବାର ନାହିଁ କି କେହି ଶୁଣିବାର ନାହିଁ, ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ମାନେ ତାଙ୍କ ସିଂହ ଭାଗ ନେଇ ଚୁପ୍ । କଦବା କ୍ୱଚିତ୍ ଦୁର୍ନୀତି ନିବାରଣ ବିଭାଗ ହାବୁଡ଼ରେ ପଡି ବାବୁ ମାନେ ନିଲମ୍ବିତ ହେଉଛନ୍ତି । ଏହା ପଛରେ ଅଜ୍ଞାନତା ଭରି ରହିଛି। ଅଶିକ୍ଷିତ ଜନତା ନିଜର ଅଧିକାର କ'ଣ ଜାଣି ନାହାନ୍ତି ବା ଆମ ସଭ୍ୟ ସମାଜ ତାଙ୍କୁ ଏହା ଜାଣିବାର ସୁଯୋଗରୁ ବଞ୍ଚିତ କରୁଛନ୍ତି । ଗରିବ ଅତୀତରେ ଗରିବ ଥିଲେ , ବର୍ତ୍ତମାନ ଅଛନ୍ତି ମନେହୁଏ ଭବିଷ୍ୟତରେ ମଧ୍ୟ ରହିବେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସମାନତା ଶିଖାଏ ସମ୍ବିଧାନ, କିନ୍ତୁ ଏମାନେ ନିୟମ ଜାଣିଲେ ତ' ? ଶିକ୍ଷାର ଅଭାବ ଆଉ ମାଗଣା ଖାଇବାର ଲୋଭ ଆଜି ସମାଜରେ ଏକ ଦଳିତ, ନିଷ୍ପେସିତ ଶ୍ରେଣୀ ସୃଷ୍ଟି କରୁଛି । ଏହା ଅବଶ୍ୟ ଭୋଟ୍ ବ୍ୟାଙ୍କ ପାଇଁ ଶୁଭଙ୍କର କିନ୍ତୁ ଏହା ଭବିଷ୍ୟତରେ ଖୁବ୍ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିପାରେ। ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କୁ ନିୟମ କାନୁନ୍ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା ହେବା ଉଚିତ୍, ଯେଉଁଠି ନେତାମାନେ ବିଶୃଙ୍ଖଳିତ ସେଠି ଜନତାଙ୍କୁ କିପରି ଦିଗଦର୍ଶନ ମିଳିବ ?

ଆମ ଦେଶରେ ଭୋଟ୍ ପାଇଁ, ନିଜର ପତିଆରା ଦେଖାଇ, ଧର୍ମର ସହାୟତା ନିଆଯାଏ । ସାମୁହିକ ପର୍ବ ପର୍ବାଣୀ ପାଇଁ ବହୁଳ ମାତ୍ରାରେ ଧର୍ମକୁ ଢାଲ କରି ' ଭାଇଚାରା ' ଶବ୍ଦ ବ୍ୟବହାର ହୁଏ। ଗାଁ ଗଣ୍ଡା, ସାହି ବସ୍ତିରେ ରହୁଥିବା ସାଧାରଣ ଜନତାଙ୍କ ଉପରେ ମନଇଚ୍ଛା ପର୍ବ ପର୍ବାଣୀ ନିମନ୍ତେ ଚାନ୍ଦା ଧାର୍ଯ୍ୟ ହୁଏ। ସର୍ବସାଧାରଣଙ୍କ ଠାରୁ ଆଦାୟ ଅର୍ଥର ଖର୍ଚ୍ଚ ତଦାରଖ ପାଇଁ କୌଣସି ସରକାରୀ ଅଡିଟ୍ ବ୍ୟବସ୍ଥା ନାହିଁ କହିଲେ ଚଳେ । ବିରୋଧ କଲେ ଧର୍ମୀୟ କର୍ମକର୍ତ୍ତାଙ୍କ ଆକ୍ରମଣର ଶିକାର ହେବା ନିଶ୍ଚିତ। ଜିଲ୍ଲାର ବଡ଼ ବଡ଼ ଅଧିକାରୀ, ପୋଲିସ, ନେତା , ମୁଖିଆ ମାନେ ବସି ବିଭିନ୍ନ ସହରରେ ଶାନ୍ତି କମିଟି ଗଢନ୍ତି, ସରକାର ନିଜ ସ୍ୱାର୍ଥ ପାଇଁ ଅନୁଦାନ ଦିଅନ୍ତି, ଧର୍ମର ଜୟ ଜୟକାର ହୁଏ, ନେତା ଖୁସ୍ କର୍ମକର୍ତ୍ତା ଖୁସ୍। ତୋରଣକୁ ନେଇ , ମେଢ଼କୁ ନେଇ, ମୂର୍ତ୍ତିକୁ ନେଇ, ସାଜସଜ୍ଜାକୁ ନେଇ ଶେଷରେ ଭଷାଣୀକୁ ନେଇ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଅହଙ୍କାରର ପ୍ରତିଯୋଗିତା ଚାଲିଥାଏ । ସମ୍ପ୍ରତି ଭକ୍ତି ସମୟକ୍ରମେ ଶକ୍ତିରେ ପରିଣତ ହୁଏ, ଆଉ ଶାନ୍ତି ? ନିୟମକୁ ଉପହାସ କରି ଭଷାଣି ସମୟରେ ହେଉଥିବା ଶବ୍ଦ ପ୍ରଦୂଷଣ କଥା ନକହିଲେ ଭଲ । ସହର ଗୁଡିକରେ ଭାଇଚାରାର ଦ୍ୱାହି ଦେଇ ଚୋରା ମଦର ବନ୍ୟା ହୁଏ। ଅସହ୍ୟ ଶବ୍ଦ ପ୍ରଦୂଷଣ ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହୁଏ । ଅଶ୍ଲୀଳ ନୃତ୍ୟ ସଂଗୀତ ପରିବେଷଣ ଜନିତ ଅଶାନ୍ତିରୁ ଗଣ୍ଡଗୋଳ ସୃଷ୍ଟି ହୁଏ । ଲହୁ ଲୁହାଣ ହୋଇ ପୋଲିସ ଗଣ୍ଡଗୋଳକୁ ନିୟନ୍ତ୍ରଣ କରେ । ଏହା ଚିରାଚରିତ କର୍ମ ସୂଚୀ ପାଲଟି ଗଲାଣି।

ଧର୍ମ ରକ୍ଷକ ମାନେ କେବଳ ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇବା ପାଇଁ, ଇସ୍କନର ଅଦିନିଆ ରଥଯାତ୍ରାକୁ ବିରୋଧ କରୁଛନ୍ତି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବର୍ତ୍ତମାନ ଅନେକ ଶୋଭାଯାତ୍ରାରେ ସ୍ୱୟଂ ଜଗନ୍ନାଥଙ୍କ ମୂର୍ତ୍ତି ଟ୍ରଲି ରିକ୍ସା ଉପରେ ଯିବାର କାରଣ କଣ ? କେବଳ ଜଗନ୍ନାଥ ମହାପ୍ରଭୁ ନୁହନ୍ତି ସବୁ ଦେବାଦେବୀଙ୍କ ପାଇଁ ନୀତି ନିର୍ଦ୍ଧାରଣ ଜରୁରୀ । ସାହି ବସ୍ତି ପେଣ୍ଡାଲ, କର୍ମକର୍ତ୍ତା ମାନେ କ'ଣ ଜଣେ ଜଣେ ହିନ୍ଦୁ ଧର୍ମର ରକ୍ଷକ ନୁହନ୍ତି କି ? ତେବେ ସେମାନେ ନିଜ ଇଚ୍ଛା ମୁତାବକ ଅର୍ଥ, ଦଳ ବଳକୁ ନେଇ ପ୍ରତିଯୋଗିତା ମୂଳକ ପୂଜା କରିବାର ଉଦ୍ଦେଶ୍ୟ କଣ? ଆମ ସନାତନ ଧର୍ମର ଗୁରୁ ମାନ୍ୟବର ଶଙ୍କରାଚାର୍ଯ୍ୟ ମହୋଦୟଙ୍କ ଏଥିପ୍ରତି କିଛିଟା ମାର୍ଗଦର୍ଶିକା ରହିବାର ଆବଶ୍ୟକତା ରହିଛି । ଅନ୍ୟଥା ପୂଜା ନାମରେ ସନାତନ ଧର୍ମକୁ ଧିରେ ଧିରେ ପାଶ୍ଚାତ୍ୟ ସଂସ୍କୃତି ଆଡକୁ ଟାଣି ନିଆ ଯାଉଛି ଓ ଧର୍ମ ରକ୍ଷା ସହିତ ମିତବ୍ୟୟୀ ହେବା ମଧ୍ୟ ଉଚିତ ।

ମାନବ ସେବାହିଁ ମାଧବ ସେବା, ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ମା' ଭଉଣୀ ମାନେ ପାନୀୟ ଜଳ ପାଇଁ ମାଇଲ ମାଇଲ ବାଟ ଯିବାକୁ ପଡୁଛି। ଅନେକ ଶିଶୁ ପୃଷ୍ଟିକର ଖାଦ୍ୟ ବିନା ଅକାଳ ମୃତ୍ୟୁ ବରଣ କରୁଛନ୍ତି , ଶିକ୍ଷା ସ୍ୱାସ୍ଥ୍ୟ ଅବହେଳିତ ହୋଇ ପଡିଛି । ମାନବ ସେବା ହିଁ ମାଧବ ସେବା, ଏହିକଥା ଭାବି ଆମ ପେଣ୍ଡାଲ ଗୁଡିକର କର୍ମକର୍ତ୍ତା ମାନେ ଯଦି ଟିକେ ହୃଦୟରୁ ଚିନ୍ତା କରନ୍ତେ ତେବେ ଅନେକ କିଛି ଉନ୍ନତି ସମ୍ଭବ ହୋଇ ପାରନ୍ତା । ତାଙ୍କ ଦ୍ୱାରା ଯଦି କିଛି ଅସହାୟ ଲୋକ ଉପକୃତ ହୋଇ ପାରନ୍ତେ ତେବେ ତାହା ମହାନ୍ କାର୍ଯ୍ୟ ବୋଲି ପ୍ରମାଣିତ ହୁଅନ୍ତା । ମା' କେବେ ଚାହାଁନ୍ତି ନାହଁ ଯେ ତାଙ୍କୁ ସୁନା ରୂପାରେ ତାଙ୍କୁ ଛାଉଣୀ କରାଯାଉ । ଯେତେବେଳେ କି ତାଙ୍କର ଅସଂଖ୍ୟ ସନ୍ତାନ ଭୋକ ଉପାସରେ ଛିଣ୍ଡା ମଇଳା ପୋଷାକ ପିନ୍ଧି କାଳାତିପାତ କରୁଛନ୍ତି । ଲେଖକ ଜଣେ ହିନ୍ଦୁ ସନାତନ ଧର୍ମାବଲମ୍ବୀ । ତାଙ୍କର ମଧ୍ୟ ଦେବା ଦେବୀଙ୍କ ଉପରେ ଅତୁଟ ଆସ୍ଥା ଅଛି, ବିଶ୍ୱାସ ଅଛି। ଉକ୍ତ ସନ୍ଦର୍ଭରେ ଦୁଇଟି ବିଷୟ ଉପରେ ଗୁରୁତ୍ୱ ଦିଆ ଯାଇଛି ଶିକ୍ଷା ଏବଂ ଧର୍ମ ସହିତ ମାନବିକତା । ପ୍ରତ୍ୟେକ ଧର୍ମକୁ ଆମେ ସମ୍ମାନ ଜଣାଇବା ଉଚିତ୍ ଏବଂ ଆମ ବିବେକ ଅନୁଯାୟୀ ଧର୍ମ ସହିତ ସମାଜର କଲ୍ୟାଣ ନିମନ୍ତେ ହୃଦୟରୁ ଚିନ୍ତା କରିବାର ସମୟ ଉପନୀତ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ। ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାତି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦିରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesware Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୧୦୫



ନିତ୍ୟାନନ୍ଦ ପଣ୍ଡା

## କୌରବଙ୍କର ମୁଖ୍ୟ ସେନାପତି ଘୋଷଣା ଓ ବଳରାମଙ୍କ ତୀର୍ଥଗମନ-୧



ହେ ପିତାମହ ! ହାତଯୋଡୁଛି, ଆପଣ କୌରବ ସେନାର ନେତୃତ୍ୱ ନିଅନ୍ତୁ । ଯେପରି କାର୍ତ୍ତିକେୟ ଦେବାସୁର ଯୁଦ୍ଧରେ ଦେବତାମାନଙ୍କର ସେନାପତି ହୋଇଥିଲେ, ସେହିପରି କୌରବ ସେନାର ସେନାପତି ହୁଅନ୍ତୁ । ଆମେ କେବଳ ଆପଣଙ୍କୁ ଅନୁସରଣ କରିବୁ !

ଭୀଷ୍ମଙ୍କୁ ଅନୁରୋଧ କଲେ ଦୁର୍ଯ୍ୟୋଧନ ।

"ତୁମର ଅନୁରୋଧ ମୁଁ ଗ୍ରହଣ କରୁଛି । କିନ୍ତୁ ତୁମେ ଗୋଟିଏ କଥା ମନେରଖିବ । ଧୃତରାଷ୍ଟ୍ରଙ୍କର ପୁଅମାନେ ଯେପରି ମୋର ପ୍ରିୟ, ପଣ୍ଡୁଙ୍କର ପୁଅମାନେ ସେପରି ମୋର ପ୍ରିୟ । ସେମାନଙ୍କୁ ମୁଁ ମାରିପାରିବିନାହିଁ । ତୁମକୁ ପ୍ରତିଶୃତି ଦେଇଛି ଯେ ମୁଁ ତୁମ ସପକ୍ଷରେ ଯୁଦ୍ଧ କରିବି । ପ୍ରତିଦିନ ଯୁଦ୍ଧ କ୍ଷେତ୍ରରେ ହଜାର ହଜାର ସଂଖ୍ୟାର ସେନାଙ୍କୁ ମୁଁ ଭୂମିସାତ କରିବି ଅବଶ୍ୟ, ତେବେ ପାଣ୍ଡବ ଭାଇମାନଙ୍କୁ ଛୁଇଁବିନାହିଁ । ସେମାନେ ମୋତେ ଆକ୍ରମଣ କରିପାରନ୍ତି । ଏ ସବୁର ମୁଖ୍ୟ କାରଣ ହେଲା, ମୋର ଅସମ୍ମତିରେ ଏହି ଯୁଦ୍ଧ ହେଉଛି ।" - କହିଲେ ଭୀଷ୍ମ

ଦୁର୍ଯ୍ୟୋଧନ ଖୁସିହେଲା । ପାଣ୍ଡବ ଭାଇମାନଙ୍କୁ ସେ ନମାରନ୍ତୁ, ମୋର ଅନ୍ୟ ଯୋଦ୍ଧାମାନେ ସେମାନଙ୍କୁ ମାରିବେ ।

ଭୀଷ୍ମ ପୁଣି କହିଲେ, "ସୂର୍ଯ୍ୟପୁତ୍ର କର୍ଣ୍ଣ ତୁମର ଅତି ପ୍ରିୟ । ସେ ମୋର ବିଚାରକୁ ପସନ୍ଦ କରନ୍ତିନାହିଁ । ମୁଁ ମୁଖ୍ୟ ସେନାପତି ହେବାକୁ ସେ ବିରୋଧ କରିପାରନ୍ତି । ବରଂ ତୁମେ ଗୋଟେ କାମ କର । କର୍ଣ୍ଣଙ୍କୁ ତୁମେ ମୁଖ୍ୟ ସେନାପତି କରିଦିଅ । ମୋର କୌଣସି ଆପତ୍ତି ରହିବନାହିଁ । ତାଙ୍କ ନେତୃତ୍ୱରେ ମୁଁ ଯୁଦ୍ଧ କରିପାରିବି ।"

ପ୍ରକୃତ ପକ୍ଷେ, ଭୀଷ୍ମ କର୍ଣ୍ଣଙ୍କ ମତିଗତିକୁ ଭଲପାଆନ୍ତି ନାହିଁ ।

ଦୁର୍ଯ୍ୟୋଧନ ଏହି ବିଷୟରେ କର୍ଣ୍ଣଙ୍କ ମତାମତ ଲୋଡ଼ିଲେ ।

କର୍ଣ୍ଣ କହିଲେ, "ନା, ଭୀଷ୍ମ ମୁଖ୍ୟ ସେନାପତି ହୁଅନ୍ତୁ । ସେ ଯୁଦ୍ଧରେ ମଲାପରେ ମୁଁ ନେତୃତ୍ୱ ନେବି । ସେତେବେଳେ ଦେଖିବ, ମୁଁ ଅର୍ଜୁନଙ୍କୁ ବଧ କରିବି ।" ଗର୍ବ ସହକାରେ କହିଲେ କର୍ଣ୍ଣ ।

ଏହି ସମସ୍ତ କଥୋପକଥନରୁ ସ୍ପଷ୍ଟ ଜଣାପଡ଼େ ସେ କାଳରେ ମଧ୍ୟ ବଡ଼ମଣିଷମାନେ ପରସ୍ପରକୁ ଈର୍ଷା କରୁଥିଲେ ।

ସେ ଯାହାହେଉ, କୌରବ ସେନାର ମୁଖ୍ୟ ସେନାପତି ଭାବେ ଘୋଷଣା କରାଗଲା ଭୀଷ୍ମଙ୍କ ନାଁ ।

ଅନ୍ୟପକ୍ଷରେ ପାଣ୍ଡବ ଶିବିରରେ .....

ଉପସ୍ଥିତ ଥାଆନ୍ତି କୃଷ୍ଣ ଯୁଧିଷ୍ଠିର ଦ୍ରୁପଦ ବିରାଟ ଇତ୍ୟାଦି ।

ଜଣେ ଆଗନ୍ତୁକଙ୍କର ଅଚାନକ ଆବିର୍ଭାବ ଘଟିଲା ।

ନୀଳରଙ୍ଗର ସିଲ୍କ ବସନ ପିନ୍ଧିଥିଲେ, ସିଂହ ଭଳି ଚାଲି ।

ଦ୍ରୁପଦ ଓ ବିରାଟଙ୍କୁ ସମ୍ମାନ ଜଣେଇଲେ ଓ ବସିଲେ ଯୁଧିଷ୍ଠିରଙ୍କ ପାଖରେ ।

ସେ ହେଉଛନ୍ତି ଶ୍ରୀ ବାଳରାମ, ଓସାରିଆ କାନ୍ଧ ବିଶିଷ୍ଟ ଏକମାତ୍ର ଯୋଦ୍ଧା ।

"ମୁଁ କୁରୁକ୍ଷେତ୍ର ଆସିଛି । ଶୁଣିଛି, ଭରତବଂଶର ଦାୟାଦମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିଲା ନାହିଁ । ପ୍ରଚଣ୍ଡ ଅହଂ, ଲୋଭ ଓ ଈର୍ଷାରେ କବଳିତ ହୋଇ ସେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ।" - କହିଲେ ବଳରାମ ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ରାତିର ରାଣୀ ଗଙ୍ଗଶିଉଳି

**ମହେନ୍ଦ୍ର କୁମାର ଘଡ଼େଇ**

ଟିକି ଦେହ ସିନା ଦେଖିବା ପାଇଁ ତା'
ତହିଁ ଭରି ବାସ ମହୁ
ସୁନ୍ଦର ରୂପରେ ଅକୁଣ୍ଠିତ ଦାନ
ଦେଇଯାଏ ଏକା ସେହୁ ।
ରାତିରାଣୀ ଶେଫାଳିକା ପାରିଜାତ
ଜୁଇ ଜାଇ ଜାତି ତା'ର
ଶରତ ସଞ୍ଜରେ ଖିଲି ଖିଲି ହସି
ଧରାବତରଣ ଯା'ର ।
ଅଳପ ଆଇଷ ନେଇ ଆସୁ ପଛେ
ସୁଗନ୍ଧ ଆନନ୍ଦ ବୁଣେ

ଗଙ୍ଗଶିଉଳିର ରୂପ ଗୁଣ ଦାନ
ଆମ ଏଇ ଧରା ଜିଣେ ।
ଜର ଫୁଲା ଚର୍ମ ଗଣ୍ଠିବାତ ପରି
ରୋଗର ଔଷଧ ହୋଇ
ପର ଉପକାର ବରତ ଧାରଣେ
ଜନମିଛି ଏକା ସେଇ ।
ଉଚ୍ଚତା ଆକାର ବଳ ଆୟୁ କା'ର
ମନଛୁଆଁ ହେଲା ନାହିଁ
ସେମିତି ଜୀବନେ ମିଛେ ଜୀଇଁ ମାନ
ସାଉଁଣ୍ଟିବା କୁହ କାହିଁ ?

ସକାଳ ପରିକା କଅଁଳ ବେଳାରୁ
ଭଲ କାମେ ଯା'ର ମନ
ସେଇ ଏକା ବାବୁ ସବୁରି ପରାଣ
ଜିତି ଅରଜିବ ଧନ ।
ମିଠା ବୋଲା କଥା କାମରେ ପରକୁ
ଆପଣାର ଯିଏ କରେ
ପଞ୍ଚ ମୁଖେ ବାଃ ପଦେ ବିଭୁ ଦୟା
ତା'ର ମଥା ପରେ ଝରେ ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ-୯୪୩୭୭୪୦୫୬୬

# ଟିକି ଚଢେଇ

**ଲିଟନ କୁମାର ବେହେରା**

ଟିକି ଚଢେଇରେ ଟିକି ଚଢେଇ
ଫୁରର କିନା ଯାଏ ଡେଣା ଉଡେଇ ॥
ପ୍ରକୃତିରାଜିର ଶୋଭା ବଢ଼ାଇ
ମନରେ ତାର ଗରବ ନାହିଁ ॥
ଟିକି ଚଢେଇରେ ଟିକି ଚଢେଇ
ମା' କୋଳେ ସେ ଆଶ୍ରୟ ନେଇ ॥
ନାନାଦି ପ୍ରକାର ଖାଦ୍ୟକୁ ଖାଇ
ଉଡ଼ିଯାଏ ସେ ଡେଣା ମେଲାଇ ॥

ଟିକି ଚଢେଇରେ ଟିକି ଚଢେଇ
ସବୁବେଳେ ସେ ଖୁସିରେ ଥାଇ ॥
ଜୀବଜଗତକୁ ସିଏ ହସାଇ
ହୃଦୟକୁ ସେ ନିଏ ଚୋରାଇ ॥
ଟିକି ଚଢେଇରେ ଟିକି ଚଢେଇ
ସଭିଙ୍କ ହିତରେ ଆସେ ବାହାରି ॥
କାହାରି ମନରେ ଦୁଃଖ ନଦେଇ
ଆକାଶରେ ସେ ଉଡି ବୁଲଇ ॥

ସହକାରୀ ଶିକ୍ଷକ, କେନ୍ଦୁଝର



# ଲଡୁ

**ଡଃ ସଫଳା ଦାସ**

ଲଡୁ ପରିକା ସୁଆଦ ଚିଜ
କେଉଁଠି ଅଛି କୁହ
ଯେତେ ଖାଇଲେ ଇଛା ତୁଟେନି
ତା ଠାରେ ଥାଏ ମୋହ ।

ଖାଇବା ସୀମା ଟପିଲେ ପିଲେ
ଦାନ୍ତ ଖାଇବ ପୋକ
ଯନ୍ତ୍ରଣା କଷ୍ଟ ସହି ହେବନି
କରିବ ମନ ଦୁଃଖ ।

ମଧୁମେହ ଲୋକ ଡରିଲେ ସୁଧା
ଦେଖିଲେ ଲଡୁଟିଏ
ରୋଗ ଭୁଲିକି ଲଡୁ ଖାଇବେ
ଲୁଚାଏ ନାହିଁ ସିଏ ।

ଲଡୁ ପରିକା ସ୍ୱଭାବ ହେଉ
ଖୁସିରେ ବାଣ୍ଟି ଚାଲ
ଯେମିତି ଲୋଡା ଖାଇଲେ ପେଡା
ଦେହ ରହିବ ଭଲ ।

ଶୁଭ କାମରେ ଲଡୁଟି ଖୋଜା
ପ୍ରସାଦ ଦିଅଁ ପାଇଁ
ଭୋଗ ଲଗାଉ ବାଣ୍ଟି ବସିଲେ
ଖୁସରେ ନାଚୁଥାଇ ।

ଖସାଲଡୁଟି ଗଣେଶ ପ୍ରିୟ
ଅଜାଙ୍କ ପ୍ରିୟ ବୁନ୍ଦି
ବେସନ ଲଡୁ ଭାରି ସୁଆଦ
ପାରିଲେ ତାକୁ ବାନ୍ଧି ।

କଟକ
ଫୋନ୍- ୮୯୧୭୪୬୫୩୬୭



# ପ୍ରକୃତି ଓ ମୁଁ

**ସସ୍ମିତା ଦାଶ**

ମୋ ଓଠେ ହସ ଫୁଟାଏ
ପ୍ରକୃତିର ଶୀତଳ ପରଶ,
ସବୁଜିମା ଭରା ଏଇ ଧରଣୀ
ମୋ ପାଇଁ ଅମୂଲ୍ୟ ଆକାଶ ।।

ଫୁଲର ହସ, ପକ୍ଷୀର ଗୀତ,
ଝରଣାର କୁଳୁକୁଳୁ ସ୍ୱର,
ପବନର ମିଠା ମିଠା ଛୁଆଁ
ମନେ ଭରେ ସ୍ୱପ୍ନର ଘର ।।

ମୁଁ ଯେତେ ଭଲପାଏ ପ୍ରକୃତିକୁ,
ପ୍ରକୃତି ବି ଭଲପାଏ ମୋତେ,
ସବୁଜ ପତ୍ରରେ ହସି ହସି
ଶାନ୍ତିର ବାରତା ଦିଏ ।।

ଆସ, ଆମେ ଶପଥ ନେବା-
ଗଛଟିଏ ଲଗାଇବା,
ସବୁଜିମାକୁ ବଞ୍ଚାଇବା,
ନଦୀ, ନାଳ, ଝରଣାକୁ
ନିର୍ମଳ ରଖିବା ।।

ରକ୍ଷା କରିବା ଯେବେ ଆମେ ପ୍ରକୃତିକୁ
ସୁରକ୍ଷିତ ରଖିବ ତେବେ ସେ ଆମକୁ,
ସବୁଜ ହସିବ ଆମ ଧରଣୀ,
ସୁନ୍ଦର ହେବଆମ ଦିନ ଆଗାମୀ ।।

ପ୍ରକୃତି ଆମର ଜୀବନ,
ପ୍ରକୃତି ଆମର ଶ୍ୱାସ-
ତାକୁ ଭଲପାଇ ବଞ୍ଚିବା ଶିଖିଲେ
ଜୀବନ ହେବ କୁସୁମିତ,
ହଟହଟା ହେବାନାହିଁ
ହସିବ ଭବିଷ୍ୟତର ଆକାଶ ।।

ଟାଉନପ୍ଲାନିଂ କଲୋନୀ,
ଢେଙ୍କାନାଳ

# ଶରତେ ମରତ

**ମନୋଜ କୁମାର ମେହେର**

ଶରତେ ମରତ ଲାଗଇ ସୁନ୍ଦର
ସବୁଜ ଦିଶେ ଧରଣୀ,
ନାନାରଙ୍ଗ ଫୁଲେ ସଜାଇ ହୋଇଛି
ପିନ୍ଧି ସବୁଜ ଓଢଣୀ ॥
ସୁନୀଳ ଆକାଶେ ମେଘ ଭାସିଯାଏ
ତାରା ଦିଶେ ଝଲମଲ,
କାଶତଣ୍ଡୀ ଝୁଲେ ନଈର କୂଳରେ
ତା ଦୃଶ୍ୟ କରେ ପାଗଳ ॥
ଶିଶିର ବିନ୍ଦୁରେ ଘାସ ଝଲମଲ,
ପୋଖରୀରେ ଫୁଟେ ପଦ୍ମ,
ମୃଦୁ ମଳୟର ମଧୁର ପବନ,
ମନକୁ କରେ ଆନନ୍ଦ ।
ଧାନ କ୍ଷେତେ ହସେ ସୁନାର ଫସଲ
ଚାଷୀଭାଇ ହୁଏ ଖୁସି,
ନଦୀର ଜଳରେ ଆକାଶର ଛାୟା,
ରୂପାରେ ଯାଏ ଝଲସି ॥

ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭

# ଗାଆଁକୁ କରିଛି ଶରତ ସରସ

**ପ୍ରଶାନ୍ତ କୁମାର ଦାଶ**



ଗାଆଁରେ ସବୁଠି ସୂରୁଜ କିରଣ
ପଡୁଛି ଆକାଶୁ ଖସି
ଶୋଭାମୟ ଗାଆଁଭୂଇଁ ଛବି ଦେଖି
ପିଲା ଦେଉଛନ୍ତି ହସି ।।

ସଜଫୁଟା ଫୁଲ ଧରି ସବୁ ଗଛ
ହେଉଛନ୍ତି ସୁଖେ ଠିଆ
ଶୀତଳ ପବନ ପରଶେ ପକ୍ଷୀଏ
ଗଛେ ମାରୁଛନ୍ତି ଡିଆଁ ।।

ଶରତ ଆସିଛି ସୁନ୍ଦର ଦିଶୁଛି
ଗାଆଁ ସାହି ପରିବେଶ
ପାହିଛି ଅଦିନ ଦୁଃଖଭରା ରାତି
ଦୁଃଖ ହେଇଯିବ ଶେଷ ।।

ପୋଖରୀ ଜଳରେ ଫୁଟିଛି ପଦୁଅଁ
ବାଲୁତ ସୂରୁଜ ଦେଖି
ସଞ୍ଜ ନଇଁଗଲେ କଇଁଟି ଦେଖଇ
ଜହ୍ନଟିକୁ ମଥାଟେକି ।।

ନିଦରୁ ଉଠିକି ସଅଳ ସଅଳ
କ୍ଷେତକୁ ଧାଉଁଛି ଚାଷୀ
ଧଳା ମେଘଖଣ୍ଡ ଆକାଶ ଛାତିରେ
ଛାଆଁକୁ ଯାଉଚି ଭାସି ।।

ମଜା ମଉଜରେ ହେବ ଭୋଜିଭାତ
କଟିବ ଅଶିଣ ମାସ
ବରଷକ ପରେ ଗାଆଁକୁ ଆସିକି
ଶରତ କରୁଚି ରାସ ।।

କୁଞ୍ଜର -ସଙ୍ଗଲାଇ, ପିପିଲି -ପୁରୀ
ମୋ-୯୬୬୮୮୨୨୧୯୦

# ଅମୃତମୟୀ ମାଆ

**ସୁରମା ମିଶ୍ର**

କାହିଁକି ଲୋ ମାଆ ଛାଡ଼ି ଚାଲିଗଲୁ
ଖୋଜୁଛି ଲୋ ତୋତେ କେତେ
ସଦା ମୁଁ ଖୋଜୁଛି ତୋ ପରଶ ଟିକେ
କିଏ ସେ ଦେବ ଲୋ ମୋତେ ॥

ଛେଉଣ୍ଡ ହେଲି ଲୋ ଅନାଥ ହେଲି ମୁଁ
ନାହିଁ ମୋର ପରିଚୟ
ଦୁନିଆଁଟା ଯାକ ଶୂନ୍ୟଶୂନ୍ୟ ଲାଗେ
ଲାଗେ ଭାରି ଅସହାୟ ॥

କା କୋଳରେ ଆଉ ଗେଲ ହେବି ମୁହିଁ
କା ପଣନ୍ତ ଘୋଡ଼ି ହୋଇ
ପରମ ଶାନ୍ତିରେ ନିଘୋଡ଼ ନିଦରେ
ଶୋଇ ପଡ଼ିବି ଲୋ ମୁହିଁ ॥

ଝୁଣ୍ଟି ପଡ଼ିଲେ କେ ଉଠାଇ ଦେବ ଲୋ
ଦେହୁ ଝାଡ଼ି ଦେବ ଧୂଳି
ବିକଳ ହୋଇଣ ଡାକିବ ମୋତେ ସେ
ଆ ରେ ମୋ ଧନମାଳି ॥

ବଳେଇ ବଳେଇ ଖୁଆଇ ଦେବ ସେ
ଅସୁରୁଣୀ ଗପ କହି
କଅଁଳ କଥାରେ ମନଟାକୁ ମୋର
କିଏ ନେବ ଆଉ ମୋହି ॥

କିଏ ଦେବ ମୋତେ ମାଆର ମମତା
ଦେବରେ ମାଆ ପରଶ
ମଥାରେ ମୋ କିଏ ରଖି ହାତ ତାର
ଦେବ ସେ ସଦା ଆଶିଷ ॥

ହେଉଛି ଲୋ ମାଆ ଦଶହରା ପୂଜା
ବିକ୍ରି ହୁଏ କେତେ ଚିଜ
କିଣିବା ପାଇଁକି ପଇସା ନାହିଁ ଲୋ
କହିବାକୁ ଲାଗେ ଲାଜ ॥

ହତଭାଗା ମୁହିଁ ଭୋଗୁଛି ମୋ କର୍ମ
କା ଆଗେ କହିବି ଦୁଃଖ
ତୁମ ପାଦ ତଳେ ଶରଣ ଗଲି ମୁଁ
ରଖ ହେ କଳା ଶ୍ରୀମୁଖ ॥

ବି ଏଲ ୩୯, ଭି ଏସ ଏସ
ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫





# ପାର୍ବଣ ଋତୁ

**ସୁଧାକର ରାଉତ**

ପାର୍ବଣ ଋତୁ ଆସିଛି
ବରଷାରେ ଭିଜି
ଖୁସିର ପସରା ଧରି
ନୂଆ ରୂପ ସାଜି ।
ସବୁଜିମା ଭରା ହୋଇ
ସୁଶୋଭିତ ମହୀ
ଆକାଶେ ବି ମେଘ ଖଣ୍ଡ
ଦୂରେ ଯାଏ ବହି ।
ନଦୀ, ନାଳ, ପଠା ମାନେ
ଧଳା ବସ୍ତ୍ର ପିନ୍ଧି
କାଶତଣ୍ଡୀ ହସେ ତାର
ମନ ନିଏ ବାନ୍ଧି ।
ଏ ପାର୍ବଣ ଋତୁର ସେ
ନେବ ତାର ମଜା
ସ୍ୱାଗତିକା ଗାନ କରି
ଉଡାଇବ ଧ୍ୱଜା ।
ଗଣେଶ ଚତୁର୍ଥୀ ସଙ୍ଗେ
ଦଶହରା ଆସି
କାଳୀପୂଜା, ଲକ୍ଷ୍ମୀପୂଜା
ମନ ନେବ ତୋଷି ।
ହର୍ଷ ଉଲ୍ଲାସରେ ଯିବେ
ସର୍ବେ ପରା ମାତି
ଏତେ ସୁଖ ଦେଖି ଦୁଃଖ
ମନେ ହେବ ଭୀତି ।
ଆନନ୍ଦ ଉତ୍ସାହ ସଙ୍ଗେ
ବହି ଭକ୍ତି ଧାରା
ସବୁରି ମନକୁ ସିଏ
ଛୁଇଁ ଯିବ ପରା ।
କୁନା କୁନି ମିଳିମିଶି
ଯେତେ ଅଛ ଆସ
ପାଳିବା ପାର୍ବଣ ଋତୁ
ଭୁଲି ରାଗ ରୋଷ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

# ନାଆଁ ମୋ ଗାଜର

**ଜୟନ୍ତ କୁମାର ମଲ୍ଲିକ୍**

ନାଆଁ ମୋ ଗାଜର କରେ ଉପକାର
ମଣିଷ ପାଖରେ ଥାଇ
ହୋଇଥାଏ ସିଏ ସୁସ୍ଥ ସବଳ
ପ୍ରତିଦିନ ମତେ ଖାଇ ।

ଗେରୁଆ ରଙ୍ଗରେ ଦେହକୁ ସଜାଇ
ମାଟିତଳେ ରହିଥାଏ
ଚାଷୀଭାଇ ମତେ ଆଦରେ ଖୋଳିଲେ
ଭାଉ ମୋର ବଢ଼ିଯାଏ ।

ଗାଜର ହାଲୁଆ ଭାବରେ ପିଲାଙ୍କ
ମନକୁ ମୁଁ ମୋହିନିଏ
ଯିଏ ମତେ ଖାଏ ଭଲ ବୋଲି କହି
ଖୁସିରେ ପପିଟେ ଦିଏ ।

ସାଲାଡ ଭାବରେ ପାଏ ମୁଁ ଆଦର
କାକୁଡ଼ି ସହିତ ଥାଇ
ପରିବା ହାଟରେ ମନେ ମନେ ବସି
ଖୁସିହୁଏ ଗୀତ ଗାଇ ।

ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭



# ପ୍ରକୃତି ଆମ ମାଆ

**ସତ୍ୟବ୍ରତ ମହାଲିକ (ଦେବୀ ଦାସ)**



ବୃକ୍ଷ ମୋ ଜୀବନ ଜୀବନ ଧନ
ବୃକ୍ଷ ବିନୁ ଗତି କାହିଁ,
ବୃକ୍ଷଟି ବଞ୍ଚିଲେ ଜଗତ ତରିବ,
ବୃକ୍ଷ ସମ ବନ୍ଧୁ ନାହିଁ ॥(୧)

ବୃକ୍ଷ ମୋ ଜୀବନ ବୃକ୍ଷ ମୋ ସ୍ପନ୍ଦନ
ବୃକ୍ଷ ବିନୁ କିଛି ଲୋଡ଼ା ନାହିଁ,
ବୃକ୍ଷର ଉଥାନେ ଜଗତ ଉତ୍ପତି,
କହୁଥିଲେ ଥରେ ଜଗତ ପତି ॥(୨)

ଜଳ ବହୁଳେ ଜୀବନ ଦର୍ଶନ,
ଜଳ ହିଁ ଅଟେ ସୃଷ୍ଟିର ଜୀବନ,
ପ୍ରକୃତିର ଏହି ଦୈତ ରୂପ ଦେଖି
ଥରି ଉଠେ ଏ ମାନବ ଜୀବନ ॥(୩)

ପ୍ରକୃତି ଅଟଇ ମାଆର ସମାନ,
ପ୍ରକୃତିକୁ ପୂଜା କର,
ପ୍ରକୃତିରେ ଅଛି ଅନେକ ରହସ୍ୟ,
ହେଜୁ ଥାଅ ଆହେ ସାଧୁ ଜନ ॥(୪)

ଛୋଟ ପିଲା ମୁହିଁ କରୁଛି ଜଣାଣ,
କରିପାରେ ନାହିଁ ତବ ଗୁଣ କୀର୍ତ୍ତନ,
ବାଳୁତ ମତିରେ ଆଙ୍କୁଛି ମାଆକୁ
କ୍ଷମା ପ୍ରାର୍ଥନା କରେ ଆହେ ସାଧୁଜନା(୫)

ସଭାପତି/ ସମ୍ପାଦକ ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ, ସୋର, ବାଲେଶ୍ୱର
ମୋ-୯୬୯୨୧୯୪୩୯୭

# ପ୍ରକୃତିର ଦାନ

**କବିତା ମିଶ୍ର**



ଆମ ଗୁରୁଜନ ପୂରୁବ ପୁରୁଷ
ଥିଲେ ଭାରି ସ୍ୱାଭିମାନ
ପ୍ରକୃତି ସହିତ ମିଳିମିଶି ଚଳି
ଖୁସିରେ କାଟନ୍ତି ଦିନ ।। (୧)

ପାହାଡ ପର୍ବତ ଗଛଲତା ସବୁ
ଯେତେ ଅଛି ନଦୀନାଳ
ଈଶ୍ୱରଙ୍କ ସୃଷ୍ଟି ପ୍ରକୃତିର ଦାନ
ଅମ୍ଳଜାନ ବାୟୁ, ଜଳ ।। (୨)

ଏ ସବୁ କଥାକୁ ଭୁଲିଯାଇ ଆଜି
ପରିବେଶ କରି ନଷ୍ଟ
ଦୁଃଖ ଦୁର୍ଦ୍ଦିନରେ ନର ପଶୁ ପକ୍ଷୀ
ପାଆନ୍ତି ଅନେକ କଷ୍ଟ ।। (୩)

ଅଥୟ କରୁଛି ଘୂର୍ଣ୍ଣି ଲଘୁଚାପ
ବନ୍ୟା ବାତ୍ୟା ଭୂମିକମ୍ପ
ଅସହାୟ ଆଜି ମଣିଷ ସମାଜ
ଦେଖି ପ୍ରକୃତିର କୋପ ।। (୪)

ସୂର୍ଯ୍ୟଙ୍କ କିରଣ ପ୍ରଖର ହେଉଛି
ଜଳବାୟୁ ବଦଳୁଛି
ନୀଳ ଆକାଶରେ ତାରା ଦିଶେ ନାହିଁ
ଉତ୍ତାପ ବଢି ଚାଲିଛି ।। (୫)

ସୁସ୍ଥ ଜଳବାୟୁ ଗଛଟିଏ ଦିଏ
ଦୂର କରେ ପ୍ରଦୂଷଣ
ପ୍ରକୃତିର ଦାନ ସାହା ଦୁନିଆକୁ
ସେ ପରା ଆମ ଜୀବନ ।। (୬)

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,ସେକ୍ଟର- ୩/୫୫ ନୀଳାଦ୍ରି ବିହାର,ଭୁବନେଶ୍ୱର -୨୧
ମୋ-୯୯୩୭୦୩୩୭୫୦

# ବିଦ୍ୟାର ସଦୁପଯୋଗ



**ସନ୍ତୋଷ କୁମାର ଅଦାବର**

ଜଣେ ଗୁରୁ ଜଙ୍ଗଲ ମଧ୍ୟରେ ଏକ ଆଶ୍ରମରେ ଧନୁର୍ବିଦ୍ୟା ଶିକ୍ଷା ଦେଉଥାଆନ୍ତି । ସେଠାରେ ଅନେକ ଶିଷ୍ୟ ଧନୁର୍ବିଦ୍ୟା ଶିଖୁଥାଆନ୍ତି । ଉପଯୁକ୍ତ ଭାବରେ ଗୁରୁ ଜଣକ ମଧ୍ୟ ତାଙ୍କର ସମସ୍ତ ଶିଷ୍ୟଙ୍କୁ ଧନୁର୍ବିଦ୍ୟା ଶିଖାଉଥାଆନ୍ତି । ଶିଷ୍ୟମାନଙ୍କ ମଧ୍ୟରୁ କିଛି ଶିଷ୍ୟଙ୍କର ଶିକ୍ଷା ସରିଯିବା ପରେ ନିଜ ନିଜ ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ସେହି ପ୍ରତ୍ୟାବର୍ତ୍ତନ କରୁଥିବା ଶିଷ୍ୟମାନଙ୍କ ମଧ୍ୟରେ ମାଧବ ଓ କେଶବ ନାମରେ ଦୁଇଜଣ ଶିଷ୍ୟ ଧନୁର୍ବିଦ୍ୟା ଶିଖିସାରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥାଆନ୍ତି । ଉଭୟଙ୍କ ପାଖରେ ଥାଏ ଧନୁ ଓ ତୀର । ଜଙ୍ଗଲ ବାଟରେ ସେ ଦୁହେଁ କଥାବାର୍ତ୍ତା ହୋଇ ଆସୁଥାଆନ୍ତି । କେଶବ ଗୋଟିଏ ହରିଣକୁ ମାଧବକୁ ଦେଖାଇ କହିଲା- ଭାଇ ମାଧବ, ସେଇ ହରିଣଟିକୁ ମୁଁ ଧନୁ ତୀରରେ ଦେଖ କେମିତି ମାରୁଛି । ମାଧବ ମନା କରିବା ଆଗରୁ କେଶବ ହରିଣଟିକୁ ଧନୁରେ ତୀର ଯୋଖି ମାରିଦେଲା । ସୌଭାଗ୍ୟକୁ ତୀରଟି ହରିଣର ଗୋଟିଏ ପଛ ଗୋଡ଼ରେ ବାଜିବାରୁ ଅଳ୍ପକେ ହରିଣଟି ବଞ୍ଚିଗଲା । କେଶବ ନିଜର ଧନୁର୍ବିଦ୍ୟାରେ ସଫଳ ହୋଇଥିବା ଭାବିକି ଅତ୍ୟନ୍ତ ଖୁସି ହେଉଥାଏ ।

ଏପଟେ ମାଧବ କିନ୍ତୁ ବହୁତ ଦୁଃଖ ଅନୁଭବ କରୁଥାଏ । କାରଣ ଗୋଟିଏ ନିରୀହ ହରିଣ ପ୍ରତି ସେପରି କରିବା ଠିକ୍ କରିନାହିଁ କେଶବ । ଏହା ସେ କେଶବକୁ କହିବାକୁ ଯାଉଥିବା ସମୟରେ ଏକ ଡକାୟତ ଧାରୁଆ ଅସ୍ତ୍ର ଧରି ତାଙ୍କର ପାଖକୁ ଆସୁଥିବାର ମାଧବ ଦେଖିପାରିଲା । ତତ୍କ୍ଷଣାତ ସେ ନିଜ ଧନୁରେ ତୀର ଯୋଖି ସେ ଡକାୟତ ଆଡ଼କୁ ଲକ୍ଷ୍ୟ କଲା । ଏହା କେଶବ ମଧ୍ୟ ଦେଖିଲା, କିନ୍ତୁ ତା' ପାଖରେ ଆଉ ତୀର ନଥିବାରୁ ଭୟରେ ମାଧବର ପଛ ପଟେ ଲୁଚି ରହିଲା । ମାଧବର ଧନୁରେ ତୀର ଯୋଖିବା ଏବଂ ସେ ଡକାୟତକୁ ଲକ୍ଷ୍ୟ କରିବା ଦେଖି ଡକାୟତ ଜଣକ ଭୟରେ ସେଠାରୁ ପଳାଇଗଲା ।

ସେଠାରୁ ସେ ଦୁହେଁ ଆସୁଥିବା ସମୟରେ ଗୋଟିଏ ବଡ଼ ବରଗଛ ତଳେ ଜଣେ ସନ୍ୟାସୀ ବସିଥିଲେ । ସେ ଦୁହିଁଙ୍କୁ ସେ ତାଙ୍କ ପାଖକୁ ଡାକିଦେଲେ ଏବଂ ତାଙ୍କ ପାଖରେ ବସିବାକୁ କହିଲେ । ମାଧବ ଓ କେଶବ ସନ୍ୟାସୀ ଜଣଙ୍କୁ ପ୍ରଣାମ ଜଣାଇ ତାଙ୍କ ନିକଟରେ ବସିପଡ଼ିଲେ । ତା'ପରେ ସେ କହିଲେ- ତୁମ ଦୁହିଁଙ୍କର ସବୁ କାର୍ଯ୍ୟକଳାପ ମୁଁ ମୋର ଦିବ୍ୟ ଚକ୍ଷୁରେ ଦେଖିପାରିଛି । ତୁମେ ଦୁହେଁ ଧନୁର୍ବିଦ୍ୟା ଶିକ୍ଷା କରି ଫେରୁଥିବା ବେଳେ ଧନୁର୍ବିଦ୍ୟାକୁ ପରୀକ୍ଷା କରିବାକୁ ଯାଇ ତୁମ ଭିତରୁ ଜଣେ ଗୋଟିଏ ହରିଣକୁ ଧନୁତୀର ମାରି ଛୋଟା କରିଦେଇଛ । ଆଉ ଜଣେ ସେହି ଧନୁ ଓ ତୀର ସାହାଯ୍ୟରେ ଡକାୟତକୁ ମାରିବାର ଭୟ ଦେଖାଇ ନିଜକୁ ବଞ୍ଚାଇ ପାରିଛ । ଏବେ ତୁମେ କୁହ କିଏ ଭଲ କାମ କରିଛି ? ସେ ଦୁହେଁ କିଛି ନକହି ସନ୍ୟାସୀଙ୍କ ଠାରୁ ତା'ର ଉତ୍ତର ଆଶା କରନ୍ତେ ସନ୍ୟାସୀ ପୁଣି କହିଲେ- ଯିଏ ଅନାବଶ୍ୟକ ଭାବରେ ଗୋଟିଏ ନିରୀହ ହରିଣକୁ ତୀର ମାରି ଅକର୍ମଣ୍ୟ କରିଦେଲ, ସେ ଆଦୌ ଭଲ କରିନାହଁ । ଅନ୍ୟପକ୍ଷରେ ଅନ୍ୟ ଜଣକ ଡକାୟତକୁ ନମାରି ଧନୁ ଓ ତୀର ସାହାଯ୍ୟରେ ମାରିବାର ଭୟ ଦେଖାଇଲା ତାହା ଧନୁର୍ବିଦ୍ୟା ଶିକ୍ଷାର ଉଚିତ୍ ଉପଯୋଗ କରିଛ । ଧନୁର୍ବିଦ୍ୟା ଯେ କେବଳ ଅନ୍ୟକୁ ମାରିବା ପାଇଁ, ତାହା ନୁହେଁ । ଆତ୍ମରକ୍ଷା ପାଇଁ ମଧ୍ୟ ବ୍ୟବହାର କରିପାରିବ । ଆମେ ଯେଉଁ ବିଦ୍ୟା ଗ୍ରହଣ କରୁ ତାକୁ ଉପଯୁକ୍ତ ଭାବରେ ପ୍ରୟୋଗ ନକଲେ ସେ ବିଦ୍ୟା ନିରର୍ଥକ ଏବଂ ମୂଲ୍ୟହୀନ ହୋଇଥାଏ । ଏଣୁ ବିଦ୍ୟାର ସଦୁପଯୋଗ କର । କେଶବ ନିଜର ଭୁଲ୍ ବୁଝି ପାରିଲା । ମାଧବ ମଧ୍ୟ ସବୁ ବୁଝି ଖୁସି ହେଲା । ସେ ଦୁହେଁ ପୁନଶ୍ଚ ସନ୍ୟାସୀଙ୍କର ପାଦ ସ୍ପର୍ଶ କରି ସେଠାରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଗାଙ୍ଗୁଲୀ-ଯୁବରାଜଙ୍କ ପରେ ଅମିତ ମିଶ୍ରା ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ

**ମୁମ୍ବାଇ**

ଅମିତ ମିଶ୍ରାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସର ସ୍ପିନ ବୋଲିଂ କୋଚ୍ କରାଯାଇଛି। ଫ୍ରାଞ୍ଚାଇଜ ବୁଧବାର ଏହାର ଅଫିସିଆଲ ଘୋଷଣା କରିଛି। ନିକଟରେ ଦିଲ୍ଲୀ ସୌରଭ ଗାଙ୍ଗୁଲୀଙ୍କୁ ନିଜ ମୁଖ୍ୟ କୋଚ୍ ନିଯୁକ୍ତ କରିଥିଲା। ଏହାପରେ ଟିମ୍ ଯୁବରାଜ ସିଂହଙ୍କୁ ଆସିଷ୍ଟାଣ୍ଟ କୋଚ୍ ନିଯୁକ୍ତ କରିଛି। ଅମିତ ନିଜ ଆଇପିଏଲ୍ କ୍ୟାରିୟରରେ ସବୁଠାରୁ ଅଧିକ ସିଜନ ଦିଲ୍ଲୀ ଲାଗି ହିଁ ଖେଳିଛନ୍ତି। ସେ ଏହି ଟିମ୍ ସହ ନିଜ ଆଇପିଏଲ୍ କ୍ୟାରିୟରର ଆରମ୍ଭ କରିଥିଲେ ଏବଂ ଏବେ ଏହି ଟିମ୍ ସହ ନିଜ କୋଚିଂ କ୍ୟାରିୟରର ଆରମ୍ଭ କରିବେ।

ପ୍ରଥମ ସିଜନରେ ଆଇପିଏଲର ଭାଗିଦାରୀ ଦିଲ୍ଲୀ କ୍ୟାପିଟାଲ୍ସକୁ ଏବେ ବି ନିଜ ପ୍ରଥମ ଟାଇଟଲର ଅପେକ୍ଷା ରହିଛି। ଶ୍ରେୟସ ଅୟରଙ୍କ ଅଧିନାୟକତ୍ୱରେ ଟିମ୍ (୨୦୨୦) ଫାଇନାଲରେ ପହଞ୍ଚିଥିଲା। ଋଷଭ ପନ୍ତ ପୁଣି ଟିମରେ ଫେରିଆସିଛନ୍ତି। ଅଳ୍ପ ପୂର୍ବରୁ ଟିମ୍ କୋଚିଂ ଷ୍ଟାଫରେ ଖାଲି ସ୍ଥାନକୁ ଭରି ନେଇଛି। ସୌରଭ ଗାଙ୍ଗୁଲୀ ମୁଖ୍ୟ କୋଚ୍, ଯୁବରାଜ ସିଂହ ଆସିଷ୍ଟାଣ୍ଟ କୋଚ୍ ପରେ ଅମିତ ମିଶ୍ରା ସ୍ପିନ ବୋଲିଂ କୋଚ୍ ଭାବେ ଟିମ୍ ସହ ଯୋଡ଼ି ହୋଇଛନ୍ତି।

ଅମିତ ମିଶ୍ରା ଆଇପିଏଲର ପ୍ରଥମ ସିଜନରେ ଖେଳୁଥିଲେ। ସେ ଆରମ୍ଭ ୩ ସିଜନ ଦିଲ୍ଲୀ କ୍ୟାପିଟାଲ୍ସ ଲାଗି ଖେଳିଛନ୍ତି। ୨୦୧୫ରେ ସେ ପୁଣି ଥରେ ଦିଲ୍ଲୀରେ ସାମିଲ ହୋଇଥିଲେ। ସେ ବାରମ୍ବାର ୭ ସଂସ୍କରଣ ଦିଲ୍ଲୀରେ ରହିଥିଲେ। ୨୦୨୩ରେ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଲାଗି ଖେଳିଥିଲେ ଏବଂ ୨୦୨୪ରେ ନିଜ ଶେଷ ସଂସ୍କରଣ ବି ଲକ୍ଷ୍ନୌ ଲାଗି ଖେଳିଛନ୍ତି।

୨୦୦୮ରୁ ୨୦୨୪ପର୍ଯ୍ୟନ୍ତ ଅମିତ ମିଶ୍ରା ୪ ଆଇପିଏଲ୍ ଟିମ୍ ଲାଗି ଖେଳିଚନ୍ତି। ସେ ପ୍ରାୟ ୧୬୨ମ୍ୟାଚରେ ୧୭୪ୱିକେଟ ନେଇଛନ୍ତି। ସେ ଟିମ୍ ଫର୍ମାଟରେ ଭାରତର ପ୍ରତିନିଧିତ୍ୱ କରି ସାରିଛନ୍ତି। ସେ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୨୨ ଟେଷ୍ଟ, ୩୬ ୱାନଡେ ଏବଂ ୧୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେଥିରୁ ତାଙ୍କ ନାମରେ କ୍ରମଶଃ ୭୬,୬୪ ଏବଂ ୧୬ ୱିକେଟ ରହିଛି।

# ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଟ୍ୱେଣ୍ଟି-୨୦ ଶୃଙ୍ଖଳା

**ଖ୍ରୀଷ୍ଟଚର୍ଚ୍ଚ**

ବିଶ୍ୱ ବିଜେତା ଭାରତ ଗୁରୁବାରଠୁ ଘରୋଇ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଅଭିଯାନ ଆରମ୍ଭ କରିବ। କ୍ରମାଗତ ବ୍ୟସ୍ତବହୁଳ କ୍ରିକେଟ୍ ସୂଚୀ, ଦୀର୍ଘ ଯାତ୍ରା ଜନିତ କ୍ଲାନ୍ତି ଏବଂ ଜଳବାୟୁ ସହ ଖାପଖୁଆଇବା ପାଇଁ ସମୟର ଅଭାବ ଟିମ୍ ଇଣ୍ଡିଆ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଏହା ସହିତ ଦଳର ଦୁଇ ପ୍ରମୁଖ ତାରକା ଖେଳାଳି ଯଶପ୍ରୀତ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଭାରତୀୟ ଶିବିରକୁ କିଛିଟା ଦୁର୍ବଳ କରିଛି।

ତେବେ ଭୁବନେଶ୍ୱର କୁମାର ଓ ଆହତ ଯୋଗୁଁ ଦଳରୁ ଦୂରେଇ ରହିଥିବା ବରୁଣ ଚକ୍ରବର୍ତ୍ତୀ ଫେରିବା ଭାରତୀୟ ଶିବିରକୁ ବଳ ଦେଇଛି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ବିଦେଶରେ ଆୟର୍ଲାଣ୍ଡ ଓ ଇଂଲଣ୍ଡଠୁ ଶୃଙ୍ଖଳା ହାରିଥିଲା ବେଳେ ଜିମ୍ବାୱେକୁ ୩-୦ରେ ହରାଇ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ ଘରୋଇ ପଡ଼ିଆରେ ଆଫଗାନିସ୍ତାନକୁ ହରାଇବା ପରେ ଏସୀୟ କ୍ରୀଡ଼ାରେ ବିଜେତା ହୋଇଥିଲା। ତେବେ ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ




ଶୃଙ୍ଖଳାକୁ ୨-୨ରେ ଅମୀମାଂସିତ ରହିଥିଲା। ଫଳରେ ଆୟରଙ୍କ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ଦଳ ନ୍ୟୁଜିଲାଣ୍ଡରେ ପହଞ୍ଚ ବୁଧବାର ଝାଳବୁହା ଅଭ୍ୟାସ କରି ପରିବେଶକୁ ପରିଖିଥିଲା। ଅନ୍ୟ ପକ୍ଷରେ ଆହତ ରାଚିନ ରବୀନ୍ଦ୍ର ଦଳରୁ ବାଦ୍ ପଡ଼ିଥିଲା ବେଳେ ଡେଭନ୍ କନୱେଙ୍କୁ ନ୍ୟୁଜିଲାଣ୍ଡ ଶୀର୍ଷ କ୍ରମରେ ଖେଳାଇପାରେ। ଦଳକୁ ପ୍ରାୟ ୧୮ ମାସ ପରେ ଫେରିଥିବା ଫିନ୍ ଆଲେନ୍‌ଙ୍କୁ ନେଇ ସ୍ଥାନୀୟ ଦର୍ଶକ ଉତ୍ସାହିତ ଅଛନ୍ତି।

ଅଧିନାୟକ ମିଚେଲ ସାଣ୍ଟନରଙ୍କ ନେତୃତ୍ୱରେ ଘରୋଇ ଦଳ ଶକ୍ତିଶାଳୀ ପେସ୍ ବାହିନୀ ସହ ପଡ଼ିଆକୁ ଓହ୍ଲାଇବ। ପେସ୍ ଉପଯୋଗୀ ପିଚ୍‌ରେ ମଧ୍ୟ ଭାରତ ଚୂଡ଼ାନ୍ତ ଏକାଦଶରେ ସ୍ପିନରଙ୍କ ଅପେକ୍ଷା ପେସ୍ ଅଲରାଉଣ୍ଡରଙ୍କୁ ସୁଯୋଗ ଦେବାର ସମ୍ଭାବନା ରହିଛି। ତେଣୁ ଅଭିଜ୍ଞ ଭୁବନେଶ୍ୱର ଖେଳିବା ସମ୍ଭାବନା ଅଧିକ ରହିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅକ୍ଷର ପଟେଲ ଓ ନମନ ଧୀର ଭଲ କରିଥିବାରୁ ବରୁଣ ବେଞ୍ଚରେ ବସିପାରନ୍ତି।

ଏବେ ଗ୍ରୀଷ୍ମଋତୁର ଆରମ୍ଭ ହେଉଥିବାରୁ ପାଗ ବେଶ୍ ଭଲ ରହିଛି। ଦିନବେଳ ପାଗ ଭଲ ରହିଛି। ହେଲେ ମ୍ୟାଚ୍ ସ୍ଥାନୀୟ ସମୟ ରାତି ୮ଟାରେ ଖେଳାଯିବାକୁ ଥିବାରୁ ପାଗ ଥଣ୍ଡା ହୋଇଯିବ। ଏହା ବ୍ୟତୀତ, ରାତି ବଢ଼ିଲେ କାକର ପଡ଼ିବାର ସମ୍ଭାବନା ରହିଛି। ତେଣୁ ପ୍ରଥମେ ଟସ୍ ଜିତିଥିବା ଦଳ ବୋଲିଂ କରିବାକୁ ପସନ୍ଦ କରିପାରନ୍ତି।

ଭାରତ (ସମ୍ଭାବ୍ୟ ଏକାଦଶ): ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ଈଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ନମନ ଧୀର, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ (ୱିକେଟ୍‌କିପର), ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମେଚେଲ, ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ୍, କାଇଲ ଜାମିସନ, ମ୍ୟାଟ୍ ହେନରି, ଲୋକି ଫର୍ଗୁସନ।

# ଶକ୍ତିଉତ୍ତୋଳିକା କସ୍ତୁରୀ ଜିତିଲେ ରୌପ୍ୟ

**ନାଗୋୟା**



ଭାରତୀୟ ଶକ୍ତିଉତ୍ତୋଳିକା କସ୍ତୁରୀ ରାଜାମଣି ଚଳିତ ଏସୀୟ ପାରା କ୍ରୀଡ଼ାରେ ରୌପ୍ୟ ପଦକ ଜିତିଛନ୍ତି। ବୁଧବାର ମହିଳା ୬୭ କିଲୋଗ୍ରାମ୍‌ରେ ତାମିଲନାଡୁ ୪୨ ବର୍ଷୀୟା କସ୍ତୁରୀ ୧୦୮ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ଆଗରେ ଉଜବେକିସ୍ତାନର ରୁକ୍‌ଶୋନା ଉକ୍ତାମୋଭା (୧୨୭ କେଜି) ରହି ସ୍ୱର୍ଣ୍ଣ ଜିତିଥିଲା ବେଳେ ଉତ୍ତର କୋରିଆର କିମ୍ ହିଓଙ୍ଗହୁଇ (୧୦୭ କେଜି) କାଂସ୍ୟ ପାଇଥିଲେ।

ଭାରତର ଏହା ଚଳିତ କ୍ରୀଡ଼ାରେ ଦ୍ୱିତୀୟ ଶକ୍ତିଉତ୍ତୋଳନ ପଦକ। ମଙ୍ଗଳବାର ଅଶୋକ କୁମାର ମଲ୍ଲିକ (ପୁରୁଷ ୬୫ କେଜି) ରୌପ୍ୟ ଜିତିଥିଲେ। ଗତ ସଂସ୍କରଣରେ କସ୍ତୁରୀ ପଞ୍ଚମ ସ୍ଥାନରେ ରହି ପଦକ ଜିତିବାରେ ବିଫଳ ହୋଇଥିଲା ବେଳେ ଅଶୋକ କାଂସ୍ୟ ଜିତିଥିଲେ।

## ଏସୀୟ ପାରା ଗେମ୍ସ ୨୦୨୬

# ରୌପ୍ୟ ପଦକ ଜିତିଲେ ଶୀତଲ ଦେବୀ ଏବଂ ପାୟଲ ନାଗ

**ନାଗୋୟା**

ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ଏସୀୟ ପାରା ଗେମ୍ସ ୨୦୨୬ରେ ମହିଳା କମ୍ପାଉଣ୍ଡ ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତି ପାରା-ତୀରନ୍ଦାଜ ଶୀତଲ ଦେବୀ ଏବଂ ପାୟଲ ନାଗ ସମଗ୍ର ଭାରତୀୟଙ୍କୁ ଗର୍ବିତ କରିଛନ୍ତି।

ଜମ୍ମୁ ଏବଂ କାଶ୍ମୀରର ଶୀତଲ ଦେବୀ ଏବଂ ଓଡ଼ିଶାର ପାୟଲ ନାଗ ଫାଇନାଲରେ ଚୀନର ଜୁଏକିଙ୍ଗ୍ ଜୁ ଏବଂ ଜିଙ୍ଗ ଝାଓଙ୍କଠାରୁ ୧୪୧-୧୫୦ରେ ପରାସ୍ତ ହେବା ପରେ ମହିଳା କମ୍ପାଉଣ୍ଡ ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।




ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ : ପାୟଲଙ୍କର ଏହି ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୀତଲ ଦେବୀ ଏବଂ ପାୟଲ ନାଗଙ୍କୁ ସେମାନଙ୍କର ଦୃଢ଼ ନିଷ୍ପତ୍ତି, ସ୍ଥିରତା ଏବଂ ନାରୀ ଶକ୍ତିର ପ୍ରଶଂସା କରି ଅଭିନନ୍ଦନ ଜଣାଇଛନ୍ତି।

"ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ଏସୀୟ ପାରା ଗେମ୍ସ ୨୦୨୬ ରେ ମହିଳା କମ୍ପାଉଣ୍ଡ ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପାଇଁ ଭାରତୀୟ ପାରା ଆର୍ଚର ଶୀତଲ ଦେବୀ ଏବଂ ଓଡ଼ିଶାର ପାୟଲ ନାଗଙ୍କୁ ହାର୍ଦ୍ଦିକ ଅଭିନନ୍ଦନ," ମାଝୀ ତାଙ୍କ ଏକ୍ସ- ହ୍ୟାଣ୍ଡେଲରେ କହିଛନ୍ତି।

'ଭାରତ ଏବଂ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ, ନିଷ୍ଠା, ସ୍ଥିରତା ଏବଂ ନାରୀ ଶକ୍ତିର ଶକ୍ତି ପ୍ରଦର୍ଶନ କରୁଛି ! ଉଭୟ ଚାମ୍ପିଅନଙ୍କୁ ଆଗକୁ ଆହୁରି ସଫଳତା କାମନା କରୁଛି,' ସେ ଆହୁରି ମଧ୍ୟ କହିଛନ୍ତି।

ଶୁଭେଚ୍ଛା ଜଣାଇଲେ ନବୀନ : ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ରୌପ୍ୟ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଏସିଆନ ପାରା ଗେମ୍ସ ୨୦୨୬ରେ କମ୍ପାଉଣ୍ଡ ମହିଳା ଦଳ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପାଇଁ ପାୟଲ ନାଗ ଏବଂ ଶୀତଲ ଦେବୀଙ୍କୁ ଅଭିନନ୍ଦନ। ଏହି ସଫଳତା ସାରା ଦେଶର ଯୁବ କ୍ରୀଡ଼ାବିତ୍‌ଙ୍କୁ ଅନୁପ୍ରାଣିତ କରୁ। ଭବିଷ୍ୟତ ପାଇଁ ସମସ୍ତଙ୍କୁ ଶୁଭକାମନା ଜଣାଉଛି,' ବୋଲି ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି।

ରାଷ୍ଟ୍ରପତିଙ୍କ ଶୁଭେଚ୍ଛା ବାର୍ତ୍ତା : ଏସୀୟ ପାରା ଗେମ୍ସ ୨୦୨୬ ରେ ସଫଳତା ହାସଲ କରିଥିବା ଭାରତୀୟ ପାରା ଆର୍ଚର ଶୀତଲ ଦେବୀ ଏବଂ ଓଡ଼ିଶାର ପାୟଲ ନାଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। 'ଏସୀୟ ପାରା ଗେମ୍ସ ୨୦୨୬ରେ ତୀରନ୍ଦାଜୀରେ ପାରା କମ୍ପାଉଣ୍ଡ ମହିଳା ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପାଇଁ ଶୀତଲ ଦେବୀ ଏବଂ ପାୟଲ ନାଗଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ରୌପ୍ୟ ପଦକ ପାଇ, ତୁମେ ଦୁହେଁ ପ୍ରଦର୍ଶନ କରିଛ ଯେ, ତୁମେ ସର୍ବୋତ୍ତମ ତୀରନ୍ଦାଜୀଙ୍କ ମଧ୍ୟରେ ଅନ୍ୟତମ। ତୁମେ ତୁମର ଲକ୍ଷ୍ୟକୁ ଉଚ୍ଚ କରିଚାଲ ଏବଂ ଭାରତୀୟ ପାରା ତୀରନ୍ଦାଜୀକୁ ଆହୁରି ଉଚ୍ଚତାକୁ ନେଇଯାଅ' ବୋଲି ସେ ତାଙ୍କ ଢ ହ୍ୟାଣ୍ଡେଲରେ ଲେଖିଛନ୍ତି।

# ୬ ବର୍ଷ ବୟସରେ ହାତ କଟିଥିଲା, ଡବଲ୍ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଲେ ନିଶାଦ

**ନୂଆଦିଲ୍ଲୀ**

ଭାରତୀୟ ପାରା ଆଥଲେଟ୍ ନିଶାଦ କୁମାର ଏସୀୟ ପାରା ଗେମ୍ସରେ ଐତିହାସିକ ପ୍ରଦର୍ଶନ କରି ଇତିହାସର ପୃଷ୍ଠାରେ ନିଜ ନାମ ପଞ୍ଜିକରଣ କରିଛନ୍ତି। ପୁରୁଷ ହାଇଜମ୍ପ ଟି-୪୭ ଇଭେଣ୍ଟରେ ନିଶାଦ ନୂଆ ଗେମ୍ସ ରେକର୍ଡ ସହ ଶୀର୍ଷ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ସେ ପୁରୁଷ ଲଙ୍ଗଜମ୍ପ ଟି-୪୭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସ୍ୱର୍ଣ୍ଣିମ ସଫଳତା ସହିତ ନିଶାଦ କୁମାର ତୃତୀୟ ଭାରତୀୟ ଆଥଲେଟ୍ ଭାବେ ଏସୀୟ ପାରା ଗେମ୍ସର ଗୋଟିଏ ସଂସ୍କରଣରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୨.୦୪ ମିଟରର ଐତିହାସିକ ଲମ୍ଫ- ମଙ୍ଗଳବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୪୭ ପ୍ରତିଯୋଗିତାରେ ନିଶାଦ କୁମାରଙ୍କ ପ୍ରଦର୍ଶନ ଅତୁଳନୀୟ ଥିଲା। ସେ କେବଳ ସ୍ୱର୍ଣ୍ଣପଦକ ଜିତିନାହାନ୍ତି ବରଂ ୨.୦୪ ମିଟର ଉଚ୍ଚତା ଅତିକ୍ରମ କରି ନୂଆ କ୍ରୀଡ଼ା ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ଟି୪୭ ବର୍ଗ ପାରା-ଆଥଲେଟମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନଙ୍କର ଅଙ୍ଗ ଯେପରି ହାତ କିମ୍ବା ଗୋଡ଼)ରେ କୌଣସି ସମସ୍ୟା ରହିଛି। ଲଗାତାର ଦୁଇ ଦିନ ମଧ୍ୟରେ ଦୁଇଟି ଭିନ୍ନ ଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ସେ ନିଜର ପ୍ରତିଭା ପ୍ରମାଣ କରିଛନ୍ତି।

ଏସୀୟ ପାରା ଗେମ୍ସ ଇତିହାସରେ ଗୋଟିଏ ସଂସ୍କରଣରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବାର ସଫଳତା ଏପର୍ଯ୍ୟନ୍ତ ବଚ୍ଛା ବଚ୍ଛା ଭାରତୀୟ ଖେଳାଳିଙ୍କ ନାମରେ ରହିଛି। ଗତ ସଂସ୍କରଣରେ ଚୀନର ହାଙ୍ଗଝୌରେ ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ଟି-୧୧ ଏବଂ




୧୫୦୦ ମିଟର ଟି-୧୧ ଇଭେଣ୍ଟରେ ଅଙ୍କୁର ଧାମା ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଂସ୍କରଣରେ ଯୁବ ତୀରନ୍ଦାଜ ଶୀତଲ ଦେବୀ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଓପନ ଓ ମିକ୍ସଡ ଟିମ କମ୍ପାଉଣ୍ଡ ଓପନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବର୍ତ୍ତମାନ ନିଶାଦ କୁମାର ଏହି ଐତିହାସିକ କ୍ଲବରେ ଯୋଗ ଦେଇଥିବା ତୃତୀୟ ଭାରତୀୟ ପାରା ଆଥଲେଟ୍ ହୋଇଛନ୍ତି।

୬ ବର୍ଷ ବୟସରେ ହାତ କାଟି ଦିଆଯାଇଥିଲା- ନିଶାଦ କୁମାରଙ୍କର ଏ ସଫଳତାର ଯାତ୍ରା ଆଦୌ ସହଜ ନଥିଲା। ହିମାଚଳ ପ୍ରଦେଶର ଉନା ଜିଲ୍ଲାର ଆମ୍ବ ଅଞ୍ଚଳର ନିଶାଦଙ୍କ ଘର। ତାଙ୍କୁ ମାତ୍ର ୬ ବର୍ଷ ବୟସ ହୋଇଥିଲା। ଚାଷ ଜମିରେ ଘାସ କଟା ମେସିନରେ ତାଙ୍କ ହାତ ପଶିଯାଇ ଥିଲା। ଏଥିରେ ତାଙ୍କ ଡାହାଣ ହାତ କଟି ଯାଇଥିଲା। ପିଲାଦିନର ଏ ଗଭୀର ଆଘାତ ତାଙ୍କୁ ହାରିବାକୁ ଦେଇନାହିଁ। ଏକାଧିକ ଚ୍ୟାଲେଞ୍ଜ ସତ୍ତ୍ୱେ ସାହସ ଛାଡ଼ିନଥିଲେ। ସବୁ ବାଧାକୁ ପରାସ୍ତ କରି ଅନ୍ତରାଷ୍ଟ୍ରୀୟ ସ୍ତରରେ ଦେଶର ପ୍ରତିଷ୍ଠା ବୃଦ୍ଧି କରିଥିବା ନିଷାଦ ଆଜି କୋଟି-କୋଟି ଯୁବକମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

# ପ୍ରଜ୍ଞାନ ଓଝା ହେଲେ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ବଡ଼ ଘୋଷଣା। ଅଜିତ ଅଗରକରଙ୍କ ସ୍ଥାନ ନେଲେ ଭାରତୀୟ ପୂର୍ବତନ କ୍ରିକେଟର ତଥା ଓଡ଼ିଆ ପୁଅ ପ୍ରଜ୍ଞାନ ଓଝା। ଟିମ୍ ଇଣ୍ଡିଆର ନୂଆ ମୁଖ୍ୟ ଚୟନକର୍ତ୍ତା ହେଲେ ପ୍ରଜ୍ଞାନ ଓଝା ଏବଂ ଚୟନକର୍ତ୍ତା ଟିମ୍‌ର ସଦସ୍ୟ ହେଲେ ପୂର୍ବତନ କ୍ରିକେଟର ରମେଶ ପାୱାର। ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା କାରଣରୁ ପ୍ରଜ୍ଞାନ ଓଝା ହେଲେ ଚୟନକର୍ତ୍ତା ଟିମ୍‌ର ମୁଖ୍ୟ। ଚୟନକର୍ତ୍ତା ଟିମ୍‌ର ମୁଖ୍ୟ ଭାବେ ଅଗରକରଙ୍କ କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଛି ବିସିସିଆଇ। ତେବେ ପ୍ରଜ୍ଞାନ ଚୟନକର୍ତ୍ତା ଟିମ୍‌ର ଅନ୍ତରୀଣ ଅଧ୍ୟକ୍ଷ ରହିଥିବା ସମୟରେ ଏହି ଘୋଷଣା ହୋଇଛି।

ଭାରତୀୟ ଦଳର ପୂର୍ବତନ କ୍ରିକେଟର ପ୍ରଜ୍ଞାନ୍ ଓଝା ଅଜିତ ଅଗରକରଙ୍କ ପରେ ଦଳର ମୁଖ୍ୟ ସିଲେକ୍ଟର ଭାବେ ଚୟନ ହୋଇଛନ୍ତି। ତେବେ ସିଲେକ୍ଟର ପ୍ୟାନେଲରେ ଅନ୍ୟତମ ସଦସ୍ୟ ଭାବେ ପୂର୍ବତନ ସ୍ପିନର ରମେଶ ପାୱାର ସାମିଲ ହୋଇଛନ୍ତି। ପ୍ୟାନେଲରେ ଚାରି ସଦସ୍ୟ ରହିଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ଶିବ ସୁନ୍ଦର ଦାସ, ଆରପି ସିଂହ, ଅଜୟ ରତ୍ରା ଏବଂ ରମେଶ ପାୱାର।

ସୂଚନାଯୋଗ୍ୟ, ପ୍ରଜ୍ଞାନ ଓଝା ଭାରତ ପାଇଁ ୨୪ଟି ଟେଷ୍ଟ, ୧୮ଟି ଦିନିକିଆ ଏବଂ ୬ଟି ଟି୨୦ମ୍ୟାଚ୍ ଖେଳିଛନ୍ତି। ସେ ବାମହାତୀ ସ୍ପିନର ଥିଲେ। ତାଙ୍କୁ ଚୟନ କମିଟିର ଅନ୍ତରୀଣ ମୁଖ୍ୟ ଭାର ପ୍ରଦାନ କରାଯାଇଥିଲା। ରମେଶ ପାୱାର ୨୦୦୪ରୁ ୨୦୦୭ ମଧ୍ୟରେ ଭାରତ ପାଇଁ ୨ଟି ଟେଷ୍ଟ ଏବଂ ୩୧ଟି ଦିନିକିଆ (ଓଡିଆଇ) ମ୍ୟାଚ୍ ଖେଳି ମୋଟ ୪୦ଟି ୱିକେଟ୍ ହାସଲ କରିଥିଲେ। ଅନ୍ୟ ଦିଗରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଅକ୍ଟୋବର ୪ରେ ଶେଷ ହୋଇଛି। ବୋର୍ଡ ୨୦୨୭ ବିଶ୍ୱକପକୁ ନଜରରେ ରଖି ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତି କରିଛି।

ପୂର୍ବତନ ଭାରତୀୟ ୱିକେଟକିପର ବ୍ୟାଟ୍ସମ୍ୟାନ୍ ପାର୍ଥିବ ପଟେଲ ବିସିସିଆଇ



ମୁଖ୍ୟ ଚୟନକର୍ତ୍ତା ପଦ ପାଇଁ ଆବେଦନ କରିନଥିଲେ। ଅଜିତ ଅଗରକରଙ୍କ ସ୍ଥାନରେ ପାର୍ଥିବଙ୍କୁ ବିସିସିଆଇର ନୂଆ ମୁଖ୍ୟ ଚୟନକର୍ତ୍ତା ଭାବେ ଦେଖାଯାଉ ଥିଲା। ସେ ଏହି ଦୌଡ଼ରେ ସବୁଠାରୁ ଆଗରେ ଥିଲେ, କିନ୍ତୁ ସେ ଆବେଦନ ନକରିବା ଯୋଗୁଁ ପ୍ରଜ୍ଞାନ ଓଝାଙ୍କ ପାଇଁ ବାଟ ସହଜ ହୋଇଥିଲା। ବିସିସିଆଇରେ ପଶ୍ଚିମାଞ୍ଚଳରୁ ଚୟନକର୍ତ୍ତା ପଦ ଖାଲି ପଡ଼ିଥିଲା। ଏହି ପଦ ପାଇଁ ଆବେଦନ କରିବାର ଶେଷ ଦିନ ସୁଦ୍ଧା ପାର୍ଥିବ ଆପ୍ଲାଏ କରିନଥିଲେ।

ଦକ୍ଷିଣାଞ୍ଚଳର ପ୍ରତିନିଧିତ୍ୱ କରୁଥିବା ଓଝା ନିଜ କାର୍ଯ୍ୟକାଳର ବାକି ସମୟ ପର୍ଯ୍ୟନ୍ତ ଅଧକ୍ଷ ରହିବେ। ବର୍ତ୍ତମାନର ଚୟନକର୍ତ୍ତାମାନଙ୍କ ମଧ୍ୟରେ ତାଙ୍କ ନାମରେ ସବୁଠାରୁ ଅଧିକ ଟେଷ୍ଟ ମ୍ୟାଚ୍ ଥିବାରୁ ତାଙ୍କର ଦାବିଦାରୀ ଅଧିକ ମଜଭୁତ ହୋଇଥିଲା। ଜୁନିୟର ପୁରୁଷ ଚୟନ କମିଟିର ଅଧକ୍ଷ ହେବା ପାଇଁ ପ୍ରବଳ ଦାବିଦାର ବିବେଚିତ ହେଉଥିବା ରମେଶ ପୋୱାର ବର୍ତ୍ତମାନ ପଶ୍ଚିମାଞ୍ଚଳରୁ ସିନିୟର ଚୟନକର୍ତ୍ତା ପ୍ୟାନେଲରେ ସାମିଲ ହୋଇଛନ୍ତି।

ଆଗରକର ଦୁଇ ବର୍ଷ ପାଇଁ ଚୟନକର୍ତ୍ତା କମିଟିର ଅଧକ୍ଷ ଭାବରେ କାର୍ଯ୍ୟ କରିଥିଲେ ଏବଂ ଏହି ସମୟ ମଧ୍ୟରେ ଦଳ ଟି-୨୦ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ବିସିସିଆଇର ନିୟମ ଅନୁଯାୟୀ, ସବୁଠାରୁ ବରିଷ୍ଠ ଟେଷ୍ଟ ଖେଳାଳିଙ୍କୁ ଅଧକ୍ଷ ପଦ ମିଳିବା ବାଧ୍ୟତାମୂଳକ ଅଟେ।

# ମହିଳା ଟି-୨୦ ବିଶ୍ୱକପ ସିଡ୍ୟୁଲ ଘୋଷଣା : ଟାଇଟଲ୍ ବଞ୍ଚାଇବାକୁ ଲଢ଼ିବ ଭାରତ

**ନୂଆଦିଲ୍ଲୀ**

୪ ଗ୍ରୁପ, ୧୬ ଟିମ୍, ୪୧ ମ୍ୟାଚ୍। ଟାଇଟଲ ପାଇଁ ଲଢେଇ ହେବ ଟାଇଟ୍। ଜାନୁଆରୀ ୨୧ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ବାଂଲାଦେଶ ଓ ନେପାଳରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) କାର୍ଯ୍ୟସୂଚୀ ଘୋଷଣା କରିଛି। ଜାନୁଆରୀ ୨୨ ତାରିଖରେ କାଠମାଣ୍ଡୁରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଟାଇଟଲ୍ ବଜାୟ ରଖିବା ପାଇଁ ଭାରତ ଅଭିଯାନ ଆରମ୍ଭ କରିବ। ୨୦୨୩ରେ ଚାମ୍ପିଅନ ହୋଇଥିବା ଭାରତ ଏଥର ଟାଇଟଲ ବଜାୟ ଲକ୍ଷ୍ୟରେ ଲଢ଼ିବ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ 'ବି'ରେ ରହିଛି।

ଗ୍ରୁପ୍ 'ଏ'ରେ ଭାରତ- ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ, ଯାହାକୁ ୪ଟି ଦଳକୁ ନେଇ ୪ଟି ଦଳରେ ବିଭକ୍ତ କରାଯାଇଛି। ଏହି ମ୍ୟାଚ୍ ଚଟ୍ଟଗ୍ରାମ,




ସିଲହେଟ୍ ଓ କାଠମାଣ୍ଡୁରେ ଖେଳାଯିବ। ଦୁଇ ଥର ଚାମ୍ପିୟନ ହୋଇଥିବା ଭାରତ ସହ ଆୟୋଜକ ନେପାଳ, ୱେଷ୍ଟଇଣ୍ଡିଜ୍ ଓ ଆୟର୍ଲାଣ୍ଡ ସହ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଜାନୁଆରୀ ୨୧ରେ ବାଂଲାଦେଶ ଓ ୟୁଏଇ ଖେଳିବେ ଏବଂ ସେହିଦିନ ସିଲେଟରେ ଅଷ୍ଟ୍ରେଲିଆ ନାଇଜେରିଆକୁ ଭେଟିବ। ଭାରତ ପ୍ରଥମ ମ୍ୟାଚ୍ ଜାନୁଆରୀ ୨୨ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯିବ। ଏହା ପରେ ଜାନୁଆରୀ ୨୪ ତାରିଖରେ ଦଳ ନେପାଳକୁ ଭେଟିବ। ଗ୍ରୁପ୍ ଲିଗ୍‌ରେ ଭାରତର ତୃତୀୟ ମ୍ୟାଚ୍ ଜାନୁଆରୀ ୨୬ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ।

କାଠମାଣ୍ଡୁରେ ଶ୍ରୀଲଙ୍କା ମୁଲପାନି ଅନ୍ତର୍ଜାତୀୟ କ୍ରିକେଟ୍ ଗ୍ରାଉଣ୍ଡରେ ସ୍କଟଲ୍ୟାଣ୍ଡକୁ ଭେଟିବ ଏବଂ ଏହା ପରେ ଇଂଲଣ୍ଡ ଆମେରିକା ବିପକ୍ଷରେ ଖେଳିବ। ନେପାଳ ଜାନୁଆରୀ ୨୨ରେ ଆୟର୍ଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ନ୍ୟୁଜିଲାଣ୍ଡ ସାମୋଆକୁ ଭେଟିବ ଏବଂ ଦକ୍ଷିଣ ଆଫ୍ରିକା ପାକିସ୍ତାନକୁ ଭେଟିବ, ଯାହା ଉଭୟ ସମାନ ଦିନ ଚିଟ୍ଟାଗଙ୍ଗରେ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଜାନୁଆରୀ ୨୬ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଆରମ୍ଭ ହେବ ସୁପର ସିକ୍ସ। ଉଭୟ ସେମିଫାଇନାଲ ମ୍ୟାଚ୍ ଫେବୃୟାରୀ ୪ରେ ଚଟ୍ଟଗ୍ରାମରେ ଖେଳାଯିବ। ଫେବୃୟାରୀ ୬ରେ ଚଟ୍ଟୋଗ୍ରାମରେ ଫାଇନାଲ୍ ମଧ୍ୟ ଅନୁଷ୍ଠିତ ହେବ।

ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୋଗ ଗୁପ୍ତା କହିଛନ୍ତି, 'ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ହେଉଛି ଏକ ପ୍ଲାଟଫର୍ମ ଯାହା ଆମ ଖେଳର ଭବିଷ୍ୟତକୁ ଦର୍ଶାଏ ଏବଂ ଯୁବ ଖେଳାଳି ମାନଙ୍କୁ ସେମାନଙ୍କ ଦେଶର ପ୍ରତିନିଧିତ୍ୱ କରିବା ଏବଂ ଏକ ଉନ୍ନତ କ୍ୟାରିୟର ଗଠନ ପାଇଁ ଏକ ବଡ଼ ସୁଯୋଗ ପ୍ରଦାନ କରିଥାଏ। ଆୟୋଜକ ଭାବରେ ବାଂଲାଦେଶ ଏବଂ ନେପାଳର ପସନ୍ଦ ଦର୍ଶାଉଛି ଯେ ଏହି ଦେଶରେ କ୍ରିକେଟ୍ ର ଭବିଷ୍ୟତକୁ ଆଗକୁ ବଢାଇବା ପାଇଁ ଆଇସିସି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଠାକାର ଲୋକଙ୍କ ମଧ୍ୟରେ କ୍ରିକେଟ୍ ପ୍ରତି ଅସୀମ ଆଗ୍ରହ ରହିଛି।'

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KENDUJHAR
E-mail: eerw_kjr2@yahoo.com
25001/1366/2627

"e" Procurement Notice for Road & Building Works
Identification No Online NCB - 10/2026-27.

1. Name of the Work : Road & Building Works
2. Total Number of Work : 02 Nos. Road, 07 Nos. Building
3. Estimated Cost : Rs. 4.24 Lakhs to 35.84 Lakhs
4. Class of Contractor : 'D', 'C' & 'B' Class
5. Period of Completion : As per annexure of e-Procurement Notice No. 10/2026-27.
6. Other Details :

| Procurement Officer | Bid Identification No. | Availability of tender Online for bidding: From | Availability of tender Online for bidding: To | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Kendujhar. Single Cover |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Kendujhar | Road & Building Online NCB No. 10 | Dt.30.10.26 at 11.00 A.M. | Dt.10.11.26 up to 5.00 P.M. | Dt. 09.11.26 up to 5.00 P.M. | Dt. 11.11.26 at 11.00 A.M. |

Further details can be seen from the Website www.tenderorissa.gov.in
Sd/- Executive Engineer
R.W.Divn.No-II, Kendujhar
OIPR-25001/25093/1/26-27/0011

GOVERNMENT OF ODISHA
OFFICE OF THE SUPERINTENDING ENGINEER
RWS&S DIVISION, PHULBANI
25001/1363/2627
06842-253314 E-mail:- eerwss_plb @nic.in

1st CORRIGENDUM TO BID IDENTIFICATION NO. SE (RWSS) PLB - 11 / 2026-27

The Annexure to BID IDENTIFICATION NO. SE(RWSS) PLB- 11/2026-27 has been changed due to change in the APS calculation as per the latest Memorandum No. 0776460002202517941/W., dated 08.10.2026 issued by the Works Department, Government of Odisha. Accordingly, the revised APS calculation shall be followed in place of the earlier calculation incorporated in the e-Procurement Notice/DTCN.

All the others terms and conditions as mentioned in the said Bid Identification No. will remain unchanged.

Sd/- Superintending Engineer
RWS&S Division, Phulbani
OIPR-25001/25006/1/26-27/0007

# ରଣଜୀ ଟ୍ରଫିରେ ଓଡ଼ିଶାର ପରାଜୟ ଜାରି : କେରଳଠୁ ପାଳି ଓ ୩୬ ରନ୍‌ରେ ହାରିଲା

**ଭୁବନେଶ୍ୱର**

ଚଳିତ ରଣଜୀ ଟ୍ରଫି ଋତୁରେ ଓଡ଼ିଶାର ପରାଜୟ ଜାରି ରହିଛି। ପ୍ରଥମ ମ୍ୟାଚ୍‌ରେ ଗୁଜରାଟଠୁ ୧୦ ୱିକେଟ୍‌ରେ ହାରିଥିବା ଶୁଭ୍ରାଂଶୁ ସେନାପତିଙ୍କ ଦଳ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଲଜ୍ଜାଜନକ ଭାବେ କେରଳଠୁ ପାଳି ଓ ୩୬ ରନ୍‌ରେ ପରାସ୍ତ ହୋଇଛି। ତିରୁଅନନ୍ତପୁରମରେ ଖେଳାଯାଇଥିବା ଏହି ୪ ଦିନିଆ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ମହମ୍ମଦ ଆଝାରୁଦ୍ଦିନ୍ (୧୩୯*) ଓ ସଚିନ ବେବି (୧୧୨)ଙ୍କ ଶତକ ବଳରେ ୪୦୪ ରନ୍ କରିଥିଲା। ଜବାବରେ ଓଡ଼ିଶା ୨୨୫ ରନ୍‌ରେ ଅଲଆଉଟ୍ ହୋଇ ଫଲୋଅନ୍ ଖେଳିଥିଲା।

ପ୍ରଥମ ପାଳିଠୁ ଆହୁରି ଦୟନୀୟ ବ୍ୟାଟିଂ କରିବାରୁ ଭ୍ରମଣକାରୀ ଦଳର ଦ୍ୱିତୀୟ ପାଳି ମାତ୍ର ୧୪୩ ରନ୍‌ରେ ଶେଷ ହୋଇଥିଲା। ଗୌରବ ଚୌଧୁରୀ



ଉଭୟ ପାଳି (୫୦, ୫୩ ରନ୍) ଅର୍ଦ୍ଧଶତକ ଅର୍ଜନ କରିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରି ପାରି ନଥିଲେ। ଦ୍ୱିତୀୟ ପାଳିରେ ପ୍ରଥମ ଦୁଇ ୱିକେଟ୍ ୨୯ ରନ୍‌ରେ ହରାଇଥିବା ଓଡ଼ିଶା ତୃତୀୟ ୱିକେଟ୍‌ରେ ଗୌରବ ଓ ଶୁଭ୍ରାଂଶୁ (୩୦) ୭୧ ରନ୍ ଯୋଡ଼ି ଦଳୀୟ ସ୍କୋର ୧୦୦ରେ ପହଞ୍ଚାଇଥିଲେ। ହେଲେ ତୃତୀୟ ଦିନର ଷ୍ଟମ୍ପ ପୂର୍ବରୁ ଉଭୟଙ୍କୁ ଜଲଜ ସକ୍ସେନା ପ୍ୟାଭିଲିୟନ୍ ପଠାଇବାକୁ ଦଳ ୧୦୨/୪ ସଂଘର୍ଷ କରିଥିଲା।

ବୁଧବାର ଏଥିରେ ମାତ୍ର ୪୧ ରନ୍ ଯୋଡ଼ି ଅବଶିଷ୍ଟ ୱିକେଟ୍ ହରାଇ ପରାଜୟ ବରଣ କରିଥିଲା। ଜଲଜ ସକ୍ସେନା ୫ ୱିକେଟ୍ ସଫଳତା ପାଇଥିଲେ। ମହମ୍ମଦ ଆଝାରୁଦ୍ଦିନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲା। ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ନିଜ ଘରୋଇ ପଡ଼ିଆ କିଟ୍ ଷ୍ଟାଡିୟମ୍‌ରେ ସର୍ଭିସେସ୍ ବିପକ୍ଷରେ ଖେଳିବ।

ସଂକ୍ଷିପ୍ତ ସ୍କୋର : କେରଳ ପ୍ରଥମ ପାଳି ୧୨୯.୩ ଓଭରରେ ୪୦୪ (ମହମ୍ମଦ ଆଝାରୁଦ୍ଦିନ୍-୧୩୯*, ସଚିନ ବେବି-୧୧୨, ଆଦିତ୍ୟ ସର୍ବାତେ-୫୩, ଲଳିତ ଯାଦବ-୩/୫୩, ସୌମ୍ୟରଞ୍ଜନ ଲେଙ୍କା-୨/୫୭, ରାଜେଶ ମହାନ୍ତି-୨/୮୧, ନିନାଦ ରାଥୱା-୨/୮୧)। ଓଡ଼ିଶା ପ୍ରଥମ ପାଳି ୮୪.୧ ଓଭରରେ ୨୨୫ (ଗେ ?ରବ ଚୌଧୁରୀ-୫୦, ଶୁଭ୍ରାଂଶୁ ସେନାପତି-୫୦, ବୈଶାଖ ଚନ୍ଦ୍ରନ-୪/୪୦, ଆଦିତ୍ୟ ସର୍ବାତେ-୩/୫୬)। ଓଡ଼ିଶା ଦ୍ୱିତୀୟ ପାଳି ୫୮.୩ ଓଭରରେ ୧୪୩ (ଗୌରବ ଚୌଧୁରୀ-୫୩, ଶୁଭ୍ରାଂଶୁ ସେନାପତି-୩୦, ଜଲଜ ସକ୍ସେନା-୫/୩୪, ଆଦିତ୍ୟ ସର୍ବାତେ-୨/୪୫)।

# ନୂଆ ଇତିହାସ ଲେଖିଲେ ଶେଫାଳୀ : ସ୍ମୃତି ମନ୍ଧାନାଙ୍କୁ ପଛରେ ପକାଇ କଲେ ବଡ଼ କୀର୍ତ୍ତିମାନ

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଦଳର ବିସ୍ଫୋରକ ଓପନର ଶେଫାଳୀ ବର୍ମାଙ୍କ ବ୍ୟାଟ ଏବେ ଜୋରଦାର ଚାଲିଛି। ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆଉ ଏକ ଅର୍ଦ୍ଧ ଶତକ ହାସଲ କରି ଇତିହାସ ରଚିଛନ୍ତି ଶେଫାଳୀ। ମହିଳା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିବାରେ ସେ ଏବେ ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଏହି ରେକର୍ଡ ସହ ସେ ନିଜ ସାଥୀ ଖେଳାଳି ସ୍ମୃତି ମନ୍ଧାନାଙ୍କୁ ପଛରେ ପକାଇଛନ୍ତି। ରାୟପୁରର ଶହୀଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଶେଫାଳୀ ମାତ୍ର ୨୬ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ସିରିଜ୍‌ରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ। ୨୦୨୬ରେ ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସେ ଏଯାଏଁ ୯ଟି ଅର୍ଦ୍ଧଶତକ ହାସଲ କରିସାରିଛନ୍ତି।





ଭୁବନେଶ୍ୱର : ବିଜୟା ଦଶମୀ ଅବସରରେ ବରମୁଣ୍ଡାରେ ରାବଣ ପୋଡି ଉତ୍ସବ। (ଫଟୋ : ସମ୍ବାଦ କଳିକା)

# ପାନୀୟ ଜଳର ଗୁଣବତ୍ତା ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରେଳ ଷ୍ଟେସନ ଓ ଅନ୍ୟାନ୍ୟ ରେଳ ପରିସରରେ ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନିୟମିତ ଜଳର ଗୁଣବତ୍ତା ଯାଞ୍ଚ ଓ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ୨୫ ସେପ୍ଟେମ୍ବରରୁ ୧୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଜଳର ଗୁଣବତ୍ତା ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା—ତିନୋଟି ଯାକ ମଣ୍ଡଳରେ ବ୍ୟାପକ ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନରେ ଅବଶିଷ୍ଟ କ୍ଲୋରିନ୍‌ର ମାତ୍ରା, ଜୀବାଣୁ ସମ୍ବନ୍ଧୀୟ ମାନଦଣ୍ଡ ଏବଂ ଜଳର ରାସାୟନିକ ଉପାଦାନ ପରୀକ୍ଷଣ କରାଯାଇ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ ପାଳନ ସୁନିଶ୍ଚିତ କରାଯାଇଥିଲା। ଏହି ଅବଧି ମଧ୍ୟରେ ତିନୋଟି ମଣ୍ଡଳରେ ମୋଟ ୧,୨୩୦ଟି ଅବଶିଷ୍ଟ କ୍ଲୋରିନ୍



ପରୀକ୍ଷଣ କରାଯାଇଥିଲା। ଏହି ଅବଧି ମଧ୍ୟରେ, ତିନୋଟିଯାକ ବିଭାଗରେ ମୋଟ ୧,୨୩୦ ଟି 'ରେସିଡୁଆଲ୍ କ୍ଲୋରିନ୍' ପରୀକ୍ଷା କରାଯାଇଥିଲା ଏବଂ ଏହାର ଫଳାଫଳ ସନ୍ତୋଷଜନକ ତଥା ନିର୍ଦ୍ଧାରିତ ମାନଦଣ୍ଡ ଅନୁରୂପ ରହିଥିଲା। ସେହିପରି, ଏହି ଅଭିଯାନରେ ପୂର୍ବ ତଟ ରେଳପଥ ପକ୍ଷରୁ ମୋଟ ୧୩୩ଟି ଜୀବାଣୁ ସମ୍ବନ୍ଧୀୟ ପରୀକ୍ଷଣ କରାଯାଇଥିଲା। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୬୫ଟି, ସମ୍ବଲପୁର ମଣ୍ଡଳରେ ୪୩ଟି ଏବଂ ରାୟଗଡ଼ା ମଣ୍ଡଳରେ ୨୫ଟି ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ନମୁନାର ଫଳାଫଳ ସନ୍ତୋଷଜନକ ରହିଥିଲା ଏବଂ କୌଣସି ନମୁନାରେ ଜୀବାଣୁ ସମ୍ବନ୍ଧୀୟ ଅସନ୍ତୋଷଜନକ ଫଳାଫଳ ମିଳିନଥିଲା। ଏହା ବ୍ୟତୀତ, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ମଣ୍ଡଳରେ ମୋଟ ୨୮ଟି ରାସାୟନିକ ବିଶ୍ଳେଷଣ ପରୀକ୍ଷଣ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପରୀକ୍ଷା କରାଯାଇଥିବା ୧୫ଟି ନମୁନାର ଫଳାଫଳ ସନ୍ତୋଷଜନକ ରହିଥିବାବେଳେ ସମ୍ବଲପୁର ମଣ୍ଡଳର ୧୩ଟି ନମୁନାର ପରୀକ୍ଷା ଫଳ ଆସିବାକୁ ବାକି ରହିଛି। ଏହି ଅବଧିରେ ରାୟଗଡ଼ା ମଣ୍ଡଳରେ କୌଣସି ରାସାୟନିକ ବିଶ୍ଳେଷଣ ପରୀକ୍ଷଣ କରାଯାଇନଥିଲା। ପୂର୍ବତଟ ରେଳପଥ ପକ୍ଷରୁ ନିୟମିତ ବ୍ୟବଧାନରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ, ଆବଶ୍ୟକସ୍ଥଳେ ପୁନଃ ପରୀକ୍ଷଣ ଏବଂ ଜଳର ଗୁଣବତ୍ତାରେ କୌଣସି ବ୍ୟତିକ୍ରମ ଦେଖାଦେଲେ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଯାତ୍ରୀ ଓ ରେଳ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ରେଳ ପରିସରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ପୂର୍ବ ତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

# ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୭ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବୁଧବାର ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୭ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀର ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବୀର ଶହୀଦଙ୍କ ପରିବାରବର୍ଗ ପ୍ରତି ମଧ ସମବେଦନା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖ ଅଂଚଳରେ ଚୀନ ସୈନ୍ୟଙ୍କ ସହ ଲଢ଼େଇ କରି ୧୦ ଜଣ ସିଆରପିଏଫ୍ ଯବାନ ଶହୀଦ



ହୋଇଥିଲେ। ସେହି ବୀର ଯବାନଙ୍କ ଅଦମ୍ୟ ସାହସ ଓ ସର୍ବୋଚ୍ଚ ବଳିଦାନର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ସମଗ୍ର ଦେଶରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଉଛି। ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ସଚ୍ଚୋଟତା, ସାହସ ଓ ନିଷ୍ଠାର ସହ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଅର୍ଜନ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଆନ୍ଧ୍ରପ୍ରଦେଶର ୧, ଅରୁଣାଚଳ ପ୍ରଦେଶର ୧, ଆସାମର ୬, ବିହାରର ୧୨, ଛତିଶଗଡର ୬, ଗୁଜୁରାଟର ୨, ହରିୟାନାର ୪, ଝାଡ଼ଖଣ୍ଡର ୩, କର୍ଣାଟକର ୫, କେରଳମର ୧, ମଧ୍ୟପ୍ରଦେଶର ୯, ମହାରାଷ୍ଟ୍ରର ୨, ମଣିପୁରର ୧, ପଞ୍ଜାବର ୨, ରାଜସ୍ଥାନର ୫, ତାମିଲନାଡୁର ୬, ତେଲେଙ୍ଗାନାର ୪, ଉତ୍ତରପ୍ରଦେଶର ୬, ଉତ୍ତରାଖଣ୍ଡର ୧, ପଶ୍ଚିମବଙ୍ଗର ୫, ଦିଲ୍ଲୀର ୩, ଜାମ୍ମୁ ଓ କାଶ୍ମୀରର ୯, ଆସାମ ରାଇଫଲର ୬, ବିଏସଏଫର ୨୫, ସିଆଇଏସଏଫ ର ୪, ସିଆରପିଏଫ ର ୨, ଆଇଟିବିପି ର ୯, ଏସଏସବିର ୫, ଅଗ୍ନିଶମ ସେବା, ସିଭିଲ୍ ଡିଫେନ୍ସ ଓ ହୋମ୍‌ଗାର୍ଡର ୧ ଏବଂ ଆରପିଏଫର ୮ ଜଣ ଶହୀଦ ହୋଇଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଶହୀଦ ସ୍ମୃତି ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ନିର୍ଦ୍ଦେଶକ (ଭିଜିଲାନ୍ସ) ଯଶବନ୍ତ କୁମାର ଜେଠ୍ୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଏସ. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସଏଫଏସଏଲ) ଡ଼ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ) ଅସୀତ କୁମାର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଯତୀନ୍ଦ୍ର କୋୟଲଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସୁବର୍ଣ୍ଣରେଖାରେ ବୁଡିଯାଇ ୨ ଭାଇ ମୃତ

ଜଳେଶ୍ୱର, ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣରେଖା ନଦୀରେ ଅଘଟଣ। ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ତଳଧଣ୍ଡା ଗାଁର ବୋଲି ଜଣାପଡିଛି। ଦୁଇ ଭାଇ ସୁବର୍ଣ୍ଣରେଖା ନଦୀରେ ଗାଧୋଇବା ସମୟରେ ଅସାବଧାନତାବଶତଃ ଗଭୀର ଜଳରେ ବୁଡ଼ିଯାଇଥିଲେ। ସେମାନେ ପାଣିରେ ବୁଡ଼ିଯାଇଥିବା ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ଚେଷ୍ଟା ପରେ ଉଭୟ ଭାଇଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ, ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଗୋଟିଏ ପରିବାରର ଦୁଇ ଭାଇଙ୍କ ଏପରି ଅକାଳ ମୃତ୍ୟୁ ଖବର ଗାଁରେ ଗଭୀର ଶୋକର ଛାୟା ଖେଳି ଯାଇଛି।

# ବିଜୟାଦଶମୀରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଗୋବିନ୍ଦା





ପୁରୀ, ନ୍ୟୁଜ ବ୍ୟୁରୋ

ବଲିଉଡ୍ ଷ୍ଟାର ଗୋବିନ୍ଦା ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପବିତ୍ର ଦଶହରା ତଥା ବିଜୟା ଦଶମୀ ଅବସରରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପରେ ସେ ଭାବ ବିଭୋର ହୋଇ ପଡିଛନ୍ତି। ଅତି ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସେ ବିମୁଗ୍ଧ ହୋଇ ଯାଇଥିଲେ। ଏଥିସହ ମା' ଲକ୍ଷ୍ମୀ, ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗୋବିନ୍ଦା କହିଛନ୍ତି ମହାପ୍ରଭୁଙ୍କ ଦର୍ଶନ କରିବା ମୋ ପାଇଁ ବଡ଼ ଭାଗ୍ୟ। ପବିତ୍ର ବିଜୟା ଦଶମୀରେ ମହାପ୍ରଭୁ ସମସ୍ତଙ୍କର ମଙ୍ଗଳ କରନ୍ତୁ। ସାରା ଦେଶବାସୀଙ୍କ ମଙ୍ଗଳ କାମନା ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ଜୀବନରେ ଯେତେବେଳେ କୌଣସି ପରିସ୍ଥିତି ଆସିଲେ ଜଗନ୍ନାଥଙ୍କ କୃପାରୁ ତାହା ସାମ୍ନା କରିବାକୁ ଶକ୍ତି ମିଳେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନଦୀରେ ବୁଡ଼ି ...

ସ୍ଥାନଠାରୁ କିଛି ଦୂରରେ ସବ୍ୟସାଚୀ ସ୍ୱାଇଁ(୧୭), ଗହଣା ଘାଟଠାରୁ ୨ କିମି ଦୂରରେ ରଶ୍ମିରଞ୍ଜନ ପରିଡ଼ା(୧୭), ନରହରିପୁରଠାର ସ୍ଥାନୀୟ ଲୋକଙ୍କ ଦ୍ୱାରା ପକାଯାଇଥିବା ଜାଲରେ ଗୁଡ଼ାଇ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ୩ ଜଣଙ୍କ ମୃତଦେହ ଜବତ କରି ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବୁଧବାର ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଓଡ଼ିଶା ସରକାର...

କେମିତି ଓଡ଼ିଆଙ୍କୁ ରୋକାଯାଇପାରିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କୋରାପୁଟ ଉପ ଜିଲ୍ଲାପାଳ ଫାବି ରସିଦ୍ କହିଛନ୍ତି କୋଟିଆରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସମସ୍ୟା ଓ ସ୍ଥିତିର ଅନୁଧ୍ୟାନ କରୁଛନ୍ତି ସ୍ୱତନ୍ତ୍ର ଟିମ୍। ଓଡ଼ିଶାର ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସର୍ବୋଚ୍ଚ ଅଦାଲତଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଆନ୍ଧ୍ର ଯେଭଳି ବେଆଇନ ଭାବେ କାର୍ଯ୍ୟ କରୁଛି, ଓଡ଼ିଶା ସରକାର ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆନ୍ଧ୍ର ବିରୋଧରେ ଆଇନଗତ ଲଢ଼େଇକୁ ଜୋରଦାର କରିବେ। କୋଟିଆକୁ ନେଇ ଏବେ ବିଜେଡ଼ି-ବିଜେପି ମଧ୍ୟରେ ଆକ୍ଷେପମୂଳକ ରାଜନୀତି ଜୋର ଧରିଛି। ବିଜେପି-ବିଜେଡି ଭିତରେ ସୋସିଆଲ୍ ମିଡ଼ିଆରେ ଚାଲିଛି କାର୍ଟୁନ ୱାର। ବିଜେଡି 'ଏକ୍ସ'ରେ ପୋଷ୍ଟ କରି ଲେଖିଛି କୋଟିଆ ନେଇଗଲାଣି, ବିଜେପି ସରକାରର ନୋ ଟେନସନ। ଏହାକୁ ଶାସକ ବିଜେପି ବି କାର୍ଟୁନ୍ ମାଧ୍ୟମରେ କଡ଼ା କାଉଣ୍ଟର କରିଛି। ଅପରପକ୍ଷେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସୋସିଆଲ୍ ମିଡ଼ିଆରେ ଲେଖିଛନ୍ତି, କୋଟିଆ ସମସ୍ୟାର ସମାଧାନ ପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। କଥାବାର୍ତ୍ତା ମାଧ୍ୟମରେ ଆମକୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରି କରି ସମାଧାନର ବାଟ କାଢ଼ିବା ଆବଶ୍ୟକ। ସେପଟେ କୋରାପୁଟ ଜିଲ୍ଲାରେ ବି ତେଜିଛି ରାଜନୀତି। କୋଟିଆରେ ଆନ୍ଧ୍ର କରୁଥିବା ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ ପାଇଁ ବୁଧବାର ଠାରୁ ୨୩ ତାରିଖ ଯାଏଁ ନାମାଙ୍କନ, ୨୪ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୭ରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବା ସହ ନଭେମ୍ବର ୩ରେ ହେବ ମତଦାନ ହେବା ନେଇ ଘୋଷଣା କରାଯାଇଛି।

## ଆଡଭୋକେଟ୍ ଜେନେରାଲ୍ ...

ଉପରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ ଯେ, ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଓଡ଼ିଶାର କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ଗ୍ରାମ ପଞ୍ଚାୟତର କେତେକ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ କରିବା ନିମନ୍ତେ ଘୋଷଣାନାମା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀ ଅବଗତ ହେବା ମାତ୍ରେ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ନିମନ୍ତେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, କୋଟିଆ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ସହିତ ରାଜ୍ୟର ଆଇନଗତ ଅଧିକାର ଓ ସ୍ୱାର୍ଥର ସୁରକ୍ଷା କରିବା ରାଜ୍ୟସରକାରଙ୍କ ପ୍ରାଥମିକତା। ଏହି ଦୀର୍ଘକାଳୀନ ବିବାଦର ଶୀଘ୍ର ଓ ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ସମସ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି। ରାଜସ୍ୱ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳର ଗ୍ରାମଗୁଡ଼ିକୁ ନେଇ ରହିଥିବା ଏହି ବିବାଦ ଦୀର୍ଘବର୍ଷ ଧରି ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ଓ ଆଇନଗତ ପ୍ରକ୍ରିୟାର ବିଷୟ ହୋଇ ରହିଛି। ୨୦୦୬ ମସିହାରେ ଆନ୍ତଃରାଜ୍ୟ ସୀମା ବିବାଦରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଦ୍ୱାରା ଦାୟର କେଶ୍ ସର୍ବୋଚ୍ଚ ନ୍ୟାୟାଳୟରେ ଖାରଜ ହେବା ପରେ ଏହା ଉପରେ ଦାଖଲ ହୋଇଥିବା ରିଭ୍ୟୁ ପିଟିସନ ଓ କ୍ୟୁରେଟିଭ୍ (ସଂଶୋଧନ) ପିଟିସନ୍ ମଧ୍ୟ ଖାରଜ ହୋଇଥିଲା। ମାତ୍ର ତୁରନ୍ତ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଦୀର୍ଘ ଷୋହଳ ବର୍ଷ ବ୍ୟବଧାନରେ ୨୦୨୨ ମସିହାରେ ତତ୍କାଳୀନ ସରକାର ପୁନଶ୍ଚ ଆଉ ଏକ କେସ ଦାଖଲ କରିଥିଲେ, ଯାହା ଏବେ ବିଚାରଧୀନ ରହିଅଛି। ପୁନଶ୍ଚ ୨୦୨୧ ମସିହା ଫେବୃଆରୀରେ ବିବାଦୀୟ ଗ୍ରାମଗୁଡ଼ିକରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ କରାଯିବାନେଇ ଏହି ପ୍ରସଙ୍ଗ ଅଧିକ ଜଟିଳ ହୋଇଥିଲା। ଏହାକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ସମ୍ପର୍କିତ ଆବେଦନ ଦାଖଲ କରାଯାଇଥିଲା। ଏହି କେସ ସବୁ ଅଦାଲତରେ ବିଚାରଧୀନ ଥିବା କାରଣରୁ ଆଇନଗତ ଦିଗରୁ ସମସ୍ତ ଜରୁରୀ ପଦକ୍ଷେପ ନେବାକୁ ମହାଧିବକ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ତାଙ୍କୁ ସମସ୍ତ ଆବଶ୍ୟକ ଦଲିଲପତ୍ର ଯୋଗାଇବା ସହ ସହଯୋଗ କରିବା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କୋରାପୁଟ୍ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏକ ସମ୍ବେଦନଶୀଳ ଓ ଆଇନଗତ ପ୍ରସଙ୍ଗ ହୋଇଥିବାରୁ ଏହାର ସମାଧାନ ପାଇଁ ଆଇନଗତ ତଥ୍ୟ, ଐତିହାସିକ ଦଲିଲ, ଜନଗଣନା ତଥ୍ୟ ଓ ପ୍ରଶାସନିକ ରେକର୍ଡ ଆଧାରରେ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏଣୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏହି ପ୍ରସଙ୍ଗରେ ସମ୍ପୃକ୍ତ ବିଭାଗ, ଆଇନ ବିଶେଷଜ୍ଞ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିବାଦର ଶୀଘ୍ର, ସ୍ଥାୟୀ ଓ ସାମ୍ବିଧାନିକ ସମାଧାନ ପାଇଁ ଆଇନଗତ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ସହ କୋଟିଆ ଅଞ୍ଚଳର ଲୋକଙ୍କ ନିକଟରେ ସରକାରୀ ସେବା, ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ମୌଳିକ ସୁବିଧା ନିରବଚ୍ଛିନ୍ନ ଭାବେ ପହଞ୍ଚାଇବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିୟମିତ କୋଟିଆ ଗସ୍ତକରି ସେଠାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ସାମ୍ପ୍ରତିକ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, କୋରାପୁଟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ, ସମ୍ପୃକ୍ତ ବିଭାଗ ତଥା କୋରାପୁଟ ଜିଲ୍ଲାର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ବିଜୟାଦଶମୀରେ ...

ଦଶହରାରେ କଟକ ରାଣୀହାଟ ଦୁର୍ଗାପୂଜା କମିଟି ପକ୍ଷରୁ ଦେବୀ ଦୁର୍ଗାଙ୍କ ଦଶମୀ ପୂଜା ପାଇଁ ଦହିପଖାଳ ଭୋଗ କରାଯାଇଥାଏ। ଏହି ନିଆରା ପରମ୍ପରା ଦୀର୍ଘ ଦିନରୁ ସେଠାରେ ପ୍ରଚଳନ ହୋଇଆସୁଛି। ପ୍ରାୟ ୧୫ ହଜାର ଭକ୍ତଙ୍କ ପାଇଁ ଦହିପଖାଳ ଭୋଗ ଏଠାରେ ବଣ୍ଟନ କରାଯାଇଥାଏ। ଏଣେ ବିଜୟାଦଶମୀରେ ଶ୍ରୀନ୍ଦିରରେ ମହାପ୍ରଭୁଙ୍କ ଦିବ୍ୟ ଦୁର୍ଲଭ ସୁନାବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ ଶ୍ରଦ୍ଧାଳୁ। ଶ୍ରୀକ୍ଷେତ୍ରରେ ବୁଧବାର ମା' କାକୁଡ଼ିଖାଇଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଏକାଦଶୀରେ ସିଂହଦ୍ୱାର ସମ୍ମୁଖରେ ଗୋଷାଣୀମାନଙ୍କ ଦେବସଭା ପରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ।

## ବିଶିଷ୍ଟ ଶିଳ୍ପପତିଙ୍କ...

ବିଶ୍ୱ ଦରବାରରେ ଉପସ୍ଥାପିତ କରିବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ହେଉଥିବା 'ସିଇଓ ରାଉଣ୍ଡ ଟେବୁଲ୍' ବୈଠକରେ ମଧ୍ୟ ଯୋଗଦେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଧବାର ଅପରାହ୍ନରେ ମୁମ୍ବାଇ ଗସ୍ତ କରିଛନ୍ତି। କେନ୍ଦ୍ର ରସାୟନ, ସାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶ-ବିଦେଶର ୨୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଶିଳ୍ପ ସଂସ୍ଥାର କର୍ପୋରେଟ୍ ଅଧ୍ୟକ୍ଷ ମାନଙ୍କ ସହ ସିଧାସଳଖ 'ୱାନ୍-ଟୁ-ୱାନ୍' (ସାକ୍ଷାତକାର) ଆଲୋଚନା କରିବେ। ବିଶେଷ କରି ଡାଉନ୍‌ଷ୍ଟ୍ରିମ୍ ଉତ୍ପାଦନ, ଶିଳ୍ପ ପ୍ରସାର ଏବଂ ନୂତନ ପ୍ରକଳ୍ପ ସ୍ଥାପନ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟଯେ, ଏହି ସମ୍ମିଳନୀରେ ରାଜ୍ୟର ଅଂଶଗ୍ରହଣର ଅନ୍ୟତମ ମୁଖ୍ୟ ଆକର୍ଷଣ ହେବ 'କୋଇଲା ଗ୍ୟାସୀକରଣ ପ୍ରକଳ୍ପ' ଯାହା ଓଡ଼ିଶା ପାଇଁ ଶିଳ୍ପ ବିକାଶର ଏକ ନୂତନ ସୁଯୋଗ ସୃଷ୍ଟି କରିବ। ଏହା ସହିତ, ଶିଳ୍ପ ପରିବେଶକୁ ଅଧିକ ମଜବୁତ୍ କରିବା, ଭେଲ୍ୟୁ ଆଡିସନକୁ ପ୍ରୋତ୍ସାହିତ କରିବା ଏବଂ ରସାୟନ, ପେଟ୍ରୋକେମିକାଲ୍ସ, ପ୍ଲାଷ୍ଟିକ୍ସ ଓ ପ୍ୟାକେଜିଂ କ୍ଷେତ୍ରରେ ନିବେଶ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର, ବୃହତକାୟ କେମିକାଲ୍ ଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ଘୋଷଣା କରିପାରନ୍ତି। ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସହିତ ଓଡ଼ିଶା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବ। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ଶିଳ୍ପ ଅଂଶୀଦାରମାନଙ୍କ ସହ ସମ୍ପର୍କ ଅଧିକ ସୁଦୃଢ଼ କରିବାର ସୁଯୋଗ ଦେବ। ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟଗୁଡ଼ିକ ଦଶନ୍ଧି ଧରି ପ୍ରମୁଖ ରସାୟନ ଓ ପେଟ୍ରୋକେମିକାଲ୍ସ ହବ୍ ଭାବେ ପ୍ରତିଷ୍ଠିତ ହୋଇସାରିଥିବା ବେଳେ, ଓଡ଼ିଶା ନିଜର ସମୃଦ୍ଧ ସମ୍ପଦ, ଶିଳ୍ପ ଭିତ୍ତିଭୂମି ଏବଂ ସହାୟକ ନୀତିଗତ ଢାଞ୍ଚାକୁ ବ୍ୟବହାର କରି ଏହି କ୍ଷେତ୍ରରେ ଏକ ଅଗ୍ରଣୀ ନିବେଶ ଗନ୍ତବ୍ୟସ୍ଥଳ ଭାବେ ନିଜକୁ ଗଠିତ କରୁଛି। ଖଣି ଓ ଧାତୁ ଶିଳ୍ପରେ ରାଜ୍ୟର ସ୍ଥାପିତ ଦକ୍ଷତା ଡାଉନ୍‌ଷ୍ଟ୍ରିମ୍ ରସାୟନ ଓ ପେଟ୍ରୋକେମିକାଲ୍ସ ଶିଳ୍ପର ପ୍ରସାର, ମୂଲ୍ୟ ବୃଦ୍ଧି ଏବଂ ଉଚ୍ଚ-ମୂଲ୍ୟଯୁକ୍ତ ଉତ୍ପାଦନରେ ନିବେଶ ଆକର୍ଷିତ କରିବା ପାଇଁ ଏକ ମଜଭୁତ୍ ଭିତ୍ତିଭୂମି ଯୋଗାଉଛି। ଇଣ୍ଡିଆ କେମ୍ ୨୦୨୬ରେ ଓଡ଼ିଶାର ଅଂଶଗ୍ରହଣ ସମ୍ପର୍କରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଯେ ଓଡ଼ିଶାର ଏକ ସୁଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି ଏବଂ ବର୍ତ୍ତମାନ ଆମେ ରସାୟନ ଓ ପେଟ୍ରୋକେମିକାଲ୍ସ ଭଳି ଉଚ୍ଚ-ସମ୍ଭାବନାଯୁକ୍ତ କ୍ଷେତ୍ରରେ ନିଜର ସ୍ଥିତି ବିସ୍ତାର କରିବା ଉପରେ ଧ୍ୟାନ ଦେଉଛୁ। ଇଣ୍ଡିଆ କେମ୍ ୨୦୨୬ରେ ଆମର ଭାଗିଦାରୀ ପ୍ରମୁଖ କମ୍ପାନୀଗୁଡ଼ିକ ସହ ସିଧାସଳଖ ଆଲୋଚନା କରିବା, ରାଜ୍ୟର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରିବା ଏବଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ସହଯୋଗିତା ସ୍ଥାପନ କରିବାର ସୁଯୋଗ ଦେବ। ଆମର ଶିଳ୍ପ ଭିତ୍ତିଭୂମି, ପ୍ରଗତିଶୀଳ ନୀତି ଏବଂ ସମ୍ପଦର ସୁବିଧା ସହିତ, ଆମେ ରସାୟନ ଓ ପେଟ୍ରୋକେମିକାଲ୍ସ ଶିଳ୍ପ ପାଇଁ ଏକ ପ୍ରତିଯୋଗିତାମୂଳକ ପରିବେଶ ପ୍ରସ୍ତୁତ କରିବାକୁ କାର୍ଯ୍ୟ କରୁଛୁ। ପ୍ରସ୍ତାବିତ ସ୍ୱତନ୍ତ୍ର ବୃହତ୍ କେମିକାଲ୍ ଶିଳ୍ପ ପାର୍କ ଏବଂ କୋଇଲା ଗ୍ୟାସୀକରଣ ଉପରେ ଆମର ଧ୍ୟାନ ଏହି ପ୍ରୟାସକୁ ଆହୁରି ମଜଭୁତ୍ କରିବ ଏବଂ ନିବେଶ, ମୂଲ୍ୟ ବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ପଥ ଉନ୍ମୋଚନ କରିବ। ଇଣ୍ଡିଆ କେମ୍ ୨୦୨୬ରେ ଭାଗନେବା ମାଧ୍ୟମରେ, ଓଡ଼ିଶା ରସାୟନ ଓ ପେଟ୍ରୋକେମିକାଲ୍ସ ନିବେଶ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହେବାର ନିଜର ଆକାଂକ୍ଷାକୁ ଦୋହରାଇବ, ଯାହା ନିଜର ବିଦ୍ୟମାନ ଶିଳ୍ପ ଶକ୍ତି ଉପରେ ଆଧାରିତ ହୋଇ ଉତ୍ପାଦନ, ଅନୁଷଙ୍ଗିକ ଶିଳ୍ପ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

## ୨୩ରେ...

କହିଛନ୍ତି ପାଣିପାଗ ବିଶେଷଜ୍ଞ। ତେବେ ଭାରତୀୟ ପାଣିପାଗ ବିଭାଗ-(ଆଇଏମ୍‌ଡି) ପକ୍ଷରୁ ଲଘୁଚାପ ଓ ବାତ୍ୟା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଅନେକ ବିଦେଶୀ ପାଣିପାଗ ଏଜେନ୍ସି ତ ବାତ୍ୟା ସୃଷ୍ଟି ହେବା ନିଶ୍ଚିତ ବୋଲି ଦର୍ଶାଇଛନ୍ତି। ଏପରିକି ସାଇକ୍ଲୋନ୍ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ନେଇ ପୂର୍ବାନୁମାନ କରିଛନ୍ତି। ୟୁରୋପିଆନ୍ ମଡେଲ କହିଛି, ସମ୍ଭାବ୍ୟ ବାତ୍ୟା ୨୭ତାରିଖ ବେଳକୁ ଉପକୂଳ ନିକଟବର୍ତ୍ତୀ ହୋଇପାରେ, ୨୮ରେ ଉପକୂଳକୁ ଛୁଇଁପାରେ। ତେବେ ଏହା କେଉଁ ଅଞ୍ଚଳରେ ଏବଂ କେବେ ସ୍ଥଳଭାଗ ଅତିକ୍ରମ କରିବ ତାହା ସ୍ପଷ୍ଟ ହୋଇନି। ଏପରିକି ସମ୍ଭାବ୍ୟ ବାତ୍ୟାର ଶକ୍ତି ଓ ଗତିପଥ ବି ଅନିଶ୍ଚିତ।

# ବାଲେଶ୍ୱରରେ ଅଢ଼େଇ କୋଟିର ସାଇବର ଠକେଇ: ଚୀନ୍ ଲିଙ୍କ୍ ସୋରରୁ ଧରାପଡ଼ିଲେ ୩ ଅଭିଯୁକ୍ତ

ବାଲେଶ୍ୱର, ନ୍ୟୁଜ

ବାଲେଶ୍ୱରରେ ପ୍ରାୟ ଅଢ଼େଇ କୋଟି ଟଙ୍କାର ସାଇବର ଠକେଇ ମାମଲାରେ ୩ ଅଭିଯୁକ୍ତ ଗିରଫ। ସୋର ଥାନା ଅଞ୍ଚଳର ଏକ ହୋଟେଲରେ ଚଢ଼ଉ କରି ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ଗିରଫ କରି ପଚରାଉଚରା କରୁଛି ପୁଲିସ। ଗତ ୧୪ ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଆକାଉଣ୍ଟ ଜରିଆରେ ପ୍ରାୟ ୨ କୋଟି ୫୦ ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିଲା। ଏହି ସାଇବର ଠକେଇର ଲିଙ୍କ୍ ଚୀନ ଯାଏଁ ଲମ୍ବିଥିବା ସୂଚନା ମିଳିଛି। ଚୀନରେ ଥିବା ମାଲିକଙ୍କ ନିର୍ଦ୍ଦେଶରେ ତାମିଲନାଡୁର ଅଭିଯୁକ୍ତ ବାଲେଶ୍ୱର ଆସିଥିବା ବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି। ପୁଲିସ ଖୋଳତାଡ଼ କରି ଠକେଇରେ ସମ୍ପୃକ୍ତ ବ୍ୟାଙ୍କ ଖାତାଧାରୀଙ୍କ ପରିଚୟ ଚିହ୍ନଟ କରିବା ପରେ ଯାଜପୁରରୁ ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତାମିଲନାଡୁର ହରିନାଥ କେ, ଯାଜପୁର ଜିଲ୍ଲାର ବସନ୍ତ କୁମାର ଜେନା ଓ ଝରଣା ଜେନା। ସେମାନଙ୍କଠାରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ଠକେଇରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଠକେଇର ପ୍ରକୃତ ପରିମାଣ କେତେ, ସେନେଇ ବାଲେଶ୍ୱର ପୋଲିସର ତଦନ୍ତ ଚଳାଇଛି।



# ଗୋରଖପୁରରେ ଠାକୁର ବିସର୍ଜନରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ ମୃତ, ୭ ଆହତ

ନୂଆଦିଲ୍ଲୀ :

ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାରେ ଦୁର୍ଗା ଠାକୁର ବିସର୍ଜନ ସମୟରେ ବଡ଼ ଦୁର୍ଘଟଣା। ଗୁଲରିହା ଥାନା ଅଞ୍ଚଳର ଜଙ୍ଗଲ ଅୟୋଧ୍ୟା ପ୍ରସାଦ ଚୌହାନ ଟୋଲା ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରାକ୍ଟର- ଟ୍ରଲିରେ ଯାଉଥିବା ଲୋକେ ବିଦ୍ୟୁତ ତାର ସଂସ୍ପର୍ଷରେ ଆସିଥିଲେ। ଫଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ଯାହାକି ୭ ଜଣ ଆହତ ହୋଇଛନ୍ତି। ସବୁ ଆହତଙ୍କୁ ଚିକିତ୍ସା ଲାଗି ବିଆରଡି ମେଡ଼ିକାଲ କଲେଜ ନିଆଯାଇଛି। ଯେଉଁଠାରେ ତାଙ୍କର ଚିକିତ୍ସା ଚାଲୁଛି। ଘଟଣା ପରେ ମୃତକଙ୍କ ପରିବାରରେ ଦୁଃଖର ପାହାଡ଼ ଖସି ପଡ଼ିଛି। ସେହିଭଳି ଆହତଙ୍କ ପରିବାର ମେଡ଼ିକାଲ କଲେଜ୍ ଗେଟ୍ ନିକଟରେ ବସି ବିରୋଧ ପ୍ରଦର୍ଶନ କରିବାକୁ ଲାଗିଛନ୍ତି। ସ୍ଥିତିର ଗମ୍ଭୀରତାକୁ ଦେଖି ଜିଲ୍ଲାଧିକାରୀ ଦୀପକ ମୀଣା ଏବଂ ଏସଏସପି ଡ.କୌସ୍ତୁଭ ବି ବିଆରଡି ମେଡ଼ିକାଲ କଲେଜରେ ପହଞ୍ଚିଥିଲେ। ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଲୋକେ ଦୁର୍ଗା ଠାକୁର ବିସର୍ଜନ କରିବାକୁ ଟ୍ରାକ୍ଟର- ଟ୍ରଲିରେ ଚଢି ଯାଉଥିଲେ। ଏହି ସମୟରେ ଜଙ୍ଗଲ ଅୟୋଧ୍ୟା ପ୍ରସାଦ ଚୌହାନ ଟୋଲା ନିକଟରେ ଟ୍ରାକ୍ଟର- ଟ୍ରଲିରେ ଚଢିଥିବା ଲୋକ ବିଦ୍ୟୁତ ତାର ସଂସ୍ପର୍ଷରେ ଆସି ଯାଇଥିଲେ। କରେଣ୍ଟ ଲାଗିବା ଫଳରେ କେତେକ ଲୋକ ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚିତ୍କାର ଶୁଭିଥିଲା। ଘଟଣାର ସୂଚନା ପାଇବା ପରେ ପୋଲିସ ଏବଂ ପ୍ରଶାସନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ତୁରନ୍ତ ଚକିତ୍ସା ଲାଗି ଇଜଉ ମେଡ଼ିକାଲ କଲେଜକୁ ନିଆଯାଇଥିଲା। ଏହି ଦୁର୍ଘଟଣାରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ଭାଇ ଏବଂ ତାଙ୍କର ଏକ ସମ୍ପର୍କୀୟ ଭାଇ ଥିଲେ। ଡକ୍ଟର ହସ୍ପିଟାଲରେ ପହଞ୍ଚିବା ପରେ ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି କରେଣ୍ଟ ଲାଗି ୭ଜଣ ଆହତ ହୋଇଛନ୍ତି। ଘଟଣାର ଖବରପାଇ ମୃତକଙ୍କ ଘରେ ଶୋକର ଛାୟା ଖେଳିଯାଇଛି।

# ସିଜେପି ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିବା ଦୁର୍ଭାଗ୍ୟଜନକ : ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସିଜେପି ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିବା ଦୁର୍ଭାଗ୍ୟଜନକ: ରାଜନୈତିକ ଆକ୍ଷେପ ନୁହେଁ, ଯୁକ୍ତି ଓ ତଥ୍ୟ ଆଧାରରେ ଆଲୋଚନା କରୁ ସରକାରୀ ଦଳ ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା। ଶ୍ରୀ ଦାସବର୍ମା କହିଛନ୍ତି ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଅଟକ ରଖିବା ଘଟଣା ଗଣତାନ୍ତ୍ରିକ ଅଧିକାର ଓ ମତପ୍ରକାଶର ସ୍ୱାଧୀନତାକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ଏହି ଘଟଣାରେ ନିରପେକ୍ଷ ତଦନ୍ତ ସହ ସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଗଣତନ୍ତ୍ରରେ ଆଇନର ଶାସନ ଓ ନାଗରିକଙ୍କ ଅଧିକାରର ସୁରକ୍ଷା ସର୍ବୋପରି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସିଜେପି ପ୍ରସଙ୍ଗରେ ଆଭିମୁଖ୍ୟକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯେଉଁଭଳି ଭାଷାରେ ସମାଲୋଚନା କରିଛନ୍ତି, ତାହା ରାଜନୈତିକ ଶିଷ୍ଟାଚାର ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଉଛି। ଜଣେ ବିରୋଧୀ ଦଳ ନେତାଙ୍କ ମତାମତ ସହ ସହମତ ନହେବା ସରକାରୀ ଦଳର ଅଧିକାର, କିନ୍ତୁ ତାହାର ଜବାବ ଯୁକ୍ତି ଓ ତଥ୍ୟ ମାଧ୍ୟମରେ ଦେବା ପରିବର୍ତ୍ତେ ବ୍ୟକ୍ତିଗତ ଆକ୍ଷେପ କରିବା ଆଦୌ ଗ୍ରହଣୀୟ ନୁହେଁ। ନବୀନ ପଟ୍ଟନାୟକଙ୍କୁ ଦିଗହରା କହିବା ପୂର୍ବରୁ ରାଜ୍ୟ ସରକାର ନିଜ ଦିଗ ଓ ନୀତି ସମ୍ପର୍କରେ ଜନସାଧାରଣଙ୍କୁ ସ୍ପଷ୍ଟ ଉତ୍ତର ଦେବା ଆବଶ୍ୟକ। ଗଣତନ୍ତ୍ରରେ ବିରୋଧୀ ଦଳର କାମ ହେଉଛି ସରକାରଙ୍କୁ ପ୍ରଶ୍ନ କରିବା, ସରକାରଙ୍କ ନୀତିକୁ ସମୀକ୍ଷା କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା କରିବା। ଏହାକୁ ଦେଶବିରୋଧୀ ମାନସିକତା ସହ ଯୋଡ଼ିବା ଅର୍ଥ ଗଣତାନ୍ତ୍ରିକ ମତଭେଦକୁ ଅସହିଷ୍ଣୁତାର ଚଷମାରେ ଦେଖିବା। ଦେଶର ସ୍ୱାର୍ଥ ଓ ସମ୍ବିଧାନର ମର୍ଯ୍ୟାଦା ସମସ୍ତଙ୍କ ପାଇଁ ସମାନ। କିନ୍ତୁ ଦେଶପ୍ରେମର ପ୍ରମାଣପତ୍ର ବାଣ୍ଟିବାର ଅଧିକାର କୌଣସି ରାଜନୈତିକ ଦଳର ଏକଚାଟିଆ ନୁହେଁ। କୌଣସି ନେତାଙ୍କ ମତ ସହ ଅସହମତି ଥିଲେ, ତାହାର ଉତ୍ତର ଯୁକ୍ତି ଓ ତଥ୍ୟରେ ଦିଆଯାଉ। କେବଳ ରାଜନୈତିକ ଫାଇଦା ପାଇଁ ଜାତୀୟତାବାଦର ଆଢ଼ୁଆଳରେ ବିରୋଧୀଙ୍କୁ ଟାର୍ଗେଟ୍ କରିବା ବନ୍ଦ ହେଉ। ନବୀନ ପଟ୍ଟନାୟକ ଦୀର୍ଘବର୍ଷ ଧରି ଓଡ଼ିଶାର ରାଜନୀତିରେ ଏକ ପରିଚିତ ନେତୃତ୍ୱ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ରାଜନୈତିକ ମତ ଓ ଆଭିମୁଖ୍ୟକୁ ନେଇ ତର୍କ ହୋଇପାରେ, ସମାଲୋଚନା ମଧ୍ୟ ହୋଇପାରେ। କିନ୍ତୁ ତାଙ୍କୁ ଅପମାନିତ କରିବା କିମ୍ବା ଦେଶର ସ୍ୱାର୍ଥ ବିରୋଧରେ ଥିବା ଭଳି ଚିତ୍ରଣ କରିବା ପୂର୍ବରୁ ସମ୍ପୃକ୍ତ ମତ ଓ ତାହାର ପ୍ରକୃତ ପ୍ରସଙ୍ଗକୁ ନେଇ ତଥ୍ୟଭିତ୍ତିକ ଆଲୋଚନା ହେବା ଦରକାର। ୧୩ କୋଟି ଭାରତୀୟ ଓ ୨୭ ଲକ୍ଷ ଓଡ଼ିଆ ଭୋଟ ଦେବାରୁ ବଞ୍ଚିତ ହୋଇଥିବା ଦାବି ଗଣତାନ୍ତ୍ରିକ ଅଧିକାର ଓ ନିର୍ବାଚନୀ ପ୍ରକ୍ରିୟାକୁ ନେଇ ଅନେକ ପ୍ରଶ୍ନ ଉଠାଉଛି। ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ ମୂଲ୍ୟବାନ। ଭୋଟର ତାଲିକାର ସ୍ୱଚ୍ଛତା, ସଠିକତା ଏବଂ ସମସ୍ତ ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷା ନିଶ୍ଚିତ ହେବା ଆବଶ୍ୟକ। ଆଜି ଓଡ଼ିଶାବାସୀ ରାଜନୈତିକ ବୟାନବାଜି ନୁହେଁ, ବରଂ ରୋଜଗାର, ଚାଷୀଙ୍କ ସମସ୍ୟା, ମହିଳାଙ୍କ ସୁରକ୍ଷା, ଯୁବକଙ୍କ ଭବିଷ୍ୟତ ଓ ରାଜ୍ୟର ବିକାଶ ଉପରେ ଉତ୍ତର ଚାହୁଁଛନ୍ତି। ଏହି ମୂଳ ପ୍ରସଙ୍ଗରୁ ଜନସାଧାରଣଙ୍କ ଧ୍ୟାନ ହଟାଇବା ପରିବର୍ତ୍ତେ ସରକାରୀ ଦଳ ନିଜର କାର୍ଯ୍ୟ ଓ ନୀତିର ହିସାବ ଦେଉ।

## ଖୁବ୍‌ଶୀଘ୍ର ଭିଆଇପି ରୋଡ଼ ଓସାରିକରଣ ମାପଚୁପ୍

ପୁରୀ, ନ୍ୟୁଜ ବ୍ୟୁରୋ

ବୁଧବାର ଅପରାହ୍ନରେ ମେଡ଼ିକାଲ ଛକରୁ ଝଡ଼େଶ୍ୱରୀ ଛକ ପର୍ଯ୍ୟନ୍ତ ମାପଚୁପ ହୋଇଛି। ଖୁବଶୀଘ୍ର ଏହି ରାସ୍ତା ଓସାରିକରଣ କରାଯିବ। ପୁରୀ ରାସ୍ତା ଓ କୋଠା ବିଭାଗ ଓ ପୁରୀ ତହସିଲ ପକ୍ଷରୁ ଆଜି ବଡଫିତା ପକାଇ ମାପଚୁପ କରାଯାଇଛି। ମେଡ଼ିକାଲ ଛକରୁ ବୋଷ ଛକ ପର୍ଯ୍ୟଟନ ଋତୁ, ଛୁଟିଦିନ, ପର୍ବପର୍ବାଣି ଦିନ ଭୀଷଣ ଟ୍ରାଫିକ ଜାମ ରହୁଛି। ପ୍ରଥମ ଦଫାରେ ମେଡ଼ିକାଲ ଛକରୁ ଦର୍ଜୀପୋଖରୀ ଛକ ମାପଚୁପ ହୋଇ ନୋଟିଫିକେସନ ପରେ କ୍ଷତିପୂରଣ ଦିଆଯାଇ ଘର ଭଙ୍ଗାଯିବ। ରୋଡ଼ ଡିଭାଇଡ଼ର ରହି ଚାରି ଲେନ୍ କରାଯିବ। ଏହି ରାସ୍ତାଟି ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ରାସ୍ତା ସଂଯୋଗ ରହିଛି। ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଦେଶର ଲୋକପ୍ରତିନିଧିମାନେ ପୁରୀ ଆସିଲେ ସର୍କିଟ ହାଉସ ଓ ରାଜଭବନକୁ ଏହି ରାସ୍ତା ଦେଇ ଯା'ଆସ କରିଥାନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୨ ଅକ୍ଟୋବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବିଜୟାଦଶମୀରେ ଭକ୍ତିମୟ ପରିବେଶ : ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



**ପୁରୀ, ୨୧/୧୦ ନ୍ୟୁଜ ବ୍ୟୁରୋ**

ପବିତ୍ର ବିଜୟା ଦଶମୀ। ଏହି ପବିତ୍ର ତିଥିରେ ମହାପ୍ରଭୁ ଶ୍ରୀରାମ ରାବଣଙ୍କୁ ବଧ କରି ଧରାପୃଷ୍ଠରେ ଅସତ୍ୟ ଉପରେ ସତ୍ୟର ବିଜୟ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିରରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। କିରିଟି, ଚୂଳ, ଚନ୍ଦ୍ରିକା, ଆଡ଼କାନି, ଚନ୍ଦ୍ରସୂର୍ଯ୍ୟ, ଶ୍ରୀଭୁଜ, ଶ୍ରୀପୟର, ଘାଗଡ଼ାମାଳି ଆଦି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଛନ୍ତି ଜଗତ ଠାକୁର। ପବିତ୍ର ଦଶହରାରେ ଭକ୍ତମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିରରେ ଅବକାଶ ନୀତି ପରେ ଶ୍ରୀଜୀଉଙ୍କର ସୁନାବେଶ ଅନୁଷ୍ଠିତ ହୋଇଛି। ସ୍ୱର୍ଣ୍ଣ ଅଳଙ୍କାରରେ ଶ୍ରୀଜୀଉଙ୍କୁ ବିଭୂଷିତ କରାଯାଇଛି। ସେପଟେ ଆଜିର ଦିନରେ ମହାପ୍ରଭୁଙ୍କ ଆୟୁଧ ପୂଜାର ମଧ୍ୟ ପରମ୍ପରା ରହିଛି। ସକାଳ ଧୂପ ନୀତି ଶେଷ ହେବାପରେ ଚକ୍ର ମାଜଣା ହେବା ସହ ଆୟୁଧ ପୂଜା ହୋଇଥିଲା। ଭିତର ବେଢ଼ା ପରିକ୍ରମା ପରେ ମହାପ୍ରଭୁ ଆୟୁଧ ହସ୍ତରେ ଧାରଣ କରିଥିଲେ। ଆସନ୍ତାକାଲି ଏକାଦଶୀ ତିଥିରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଓ କାର୍ତ୍ତିକ ନୀତି ଆରମ୍ଭ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜଧିରାଜ ବେଶ୍ ବା ସୁବର୍ଣ୍ଣ ବେଶ ଦର୍ଶନ କରିଛନ୍ତି ଭକ୍ତ। ସକାଳୁ ଦର୍ଶନ ଚାଲିଥିବା ବେଳେ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ କରିଛନ୍ତି। ଅନ୍ୟପଟେ ପରମ୍ପରା ମୁତାବକ କାକୁଡ଼ିଖାଇଙ୍କୁ ଆଜି ବିସର୍ଜନ କରାଯିବ। ସେପଟେ ଗୁରୁବାର ଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ନୀତି। ଗୁରୁବାର ଏକାଦଶୀ ତିଥିରେ ଶ୍ରୀକ୍ଷେତ୍ରରେ ଗୋସାଣୀ ଯାତ୍ରା ସମାପନ ହେବ। ସହରର ପ୍ରାୟ ଷାଠିଏଟି ଗୋସାଣୀ ମେଢ଼ମାନଙ୍କୁ ନେଇ ସିଂହଦ୍ୱାର ସମ୍ମୁଖରେ ହେବ ଦେବ ସଭା। ଏହାପରେ ବିସର୍ଜନ କରାଯିବ।



ଭୁବନେଶ୍ୱର : ବିଜୟାଦଶମୀରେ ବମିଖାଲ ଓ ରସୁଲଗଡ ଦୁର୍ଗାପୂଜା ମଣ୍ଡପରେ ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ। (ଫଟୋ : ସମ୍ବାଦ କଳିକା)

# ୩ ବର୍ଷରେ ଭାରତକୁ ନିଶା ମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଆହ୍ୱାନ



**ନୂଆଦିଲ୍ଲୀ, ୨୧/୧୦**

ଡିସେମ୍ବର ୩୧, ୨୦୨୯ ସୁଦ୍ଧା ଏକ ନିଶାମୁକ୍ତ ଭାରତ ଗଠନ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଘୋଷଣା କରିଛନ୍ତି ଏବଂ ୨୦୨୬ର ବାକି ସମୟ ଏବଂ ପରବର୍ତ୍ତୀ ତିନି ବର୍ଷ ମଧ୍ୟରେ ନିଶା ବିରୁଦ୍ଧରେ ଏକତ୍ରିତ ଲଢ଼େଇ ପାଇଁ ଆହ୍ୱାନ କରିଛନ୍ତି । ଜାତୀୟ ରାଜଧାନୀର ଜାତୀୟ ପୋଲିସ ସ୍ମାରକୀରେ ଅନୁଷ୍ଠିତ ପୋଲିସ ସ୍ମୃତି ଦିବସରେ ଏହି ଘୋଷଣା କରିଛନ୍ତି ଶାହ । ସେ କହିଛନ୍ତି ଯେ ନିଶା ସମସ୍ୟା ସମଗ୍ର ଦେଶ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହି ଅବସରରେ ଶାହ କହିଥିଲେ, 'ଆମେ ଡିସେମ୍ବର ୩୧, ୨୦୨୯ ସୁଦ୍ଧା ଭାରତରୁ ନିଶା ବିପଦକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ ।' ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଶାହ କହିଛନ୍ତି, 'ଆମେ ଡିସେମ୍ବର ୩୧, ୨୦୨୯ ସୁଦ୍ଧା ଭାରତରୁ ନିଶା ବିପଦକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ ।' ଏକ ବିବୃତ୍ତି ଅନୁଯାୟୀ, ଗୃହମନ୍ତ୍ରୀ ୨୦୨୬ର ବାକି ସମୟ ଏବଂ ପରବର୍ତ୍ତୀ ତିନି ବର୍ଷ ମଧ୍ୟରେ ନିଶା ବିରୁଦ୍ଧରେ ଏକତ୍ରିତ ଲଢ଼େଇ ପାଇଁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ନିଶାମୁକ୍ତ ଭାରତର ରୋଡମ୍ୟାପ୍ ଉପରେ ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବାକୁ ଏବଂ ଭବିଷ୍ୟତ ପିଢ଼ିକୁ ନିଶାର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବାକୁ ସେ ସାରା ଦେଶର ପୋଲିସ ବାହିନୀକୁ ନିବେଦନ କରିଛନ୍ତି । ଶାହ କହିଥିଲେ ଯେ ନିଶା ବିପଦ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରୁଛି। କାରଣ ଏହା ଭବିଷ୍ୟତ ପିଢ଼ିକୁ କ୍ଷତି ପହଞ୍ଚାଏ । ଅର୍ଥନୀତି ଉପରେ ଅନାବଶ୍ୟକ ବୋଝ ପକାଏ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରେ । ଏହି ଲକ୍ଷ୍ୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଗୃହମନ୍ତ୍ରୀ ଦେଶବ୍ୟାପୀ ପୋଲିସ ବାହିନୀକୁ ଏହି ଅଭିଯାନରେ ସମ୍ପୂର୍ଣ୍ଣ ହୃଦୟର ସହିତ ଅଂଶଗ୍ରହଣ କରିବାକୁ ଏବଂ ୨୦୨୯ ଶେଷ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି । ସେ ଦେଶ ପକ୍ଷରୁ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ସେମାନଙ୍କ ପରିବାର ସହିତ ଏକତା ପ୍ରକାଶ କରିଛନ୍ତି । ଶାହ କହିଛନ୍ତି ଯେ ସ୍ୱାଧୀନତା ପରଠାରୁ, ମୋଟ ୩୬,୮୫୨ ପୋଲିସ କର୍ମଚାରୀ କର୍ତ୍ତବ୍ୟ ପାଳନ ସମୟରେ ନିଜ ଜୀବନ ଦେଇଛନ୍ତି, ଯେଉଁଥିରେ ୧୫୪ ଜଣ ଏହି ବର୍ଷ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ପରିବାର ଦ୍ୱାରା ହୋଇଥିବା କ୍ଷତିକୁ ପୂରଣ କରାଯାଇପାରିବ ନାହିଁ ବୋଲି ସ୍ୱୀକାର କରି ଗୃହମନ୍ତ୍ରୀ କହିଛନ୍ତି ଯେ, ଦେଶର ନାଗରିକ ସହିଦ ଏବଂ ସେମାନଙ୍କ ପରିବାରଙ୍କ ବଳିଦାନ ପାଇଁ କୃତଜ୍ଞ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ, ଲଦାଖର ହଟ୍ ସ୍ପ୍ରିଙ୍ଗସ୍ ଠାରେ ଭାରୀ ସଶସ୍ତ୍ର ଚୀନ୍ ସୈନିକଙ୍କ ଆକ୍ରମଣରେ ଦଶ ଜଣ ସାହସୀ ପୋଲିସ କର୍ମଚାରୀ ପ୍ରାଣ ହରାଇଥିଲେ । ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ ସ୍ମୃତି ଦିବସ ଭାବେ ପାଳନ କରାଯାଏ। ପୋଲିସ କର୍ମଚାରୀମାନଙ୍କ ବଳିଦାନ ଏବଂ ଜାତୀୟ ସୁରକ୍ଷା ଏବଂ ଅଖଣ୍ଡତା ବଜାୟ ରଖିବାରେ ସେମାନଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଦେଇ, ପ୍ରଧାନମନ୍ତ୍ରୀ ୨୦୧୮ ପୋଲିସ ସ୍ମୃତି ଦିବସରେ ଜାତୀୟ ପୋଲିସ ସ୍ମାରକୀକୁ ଦେଶକୁ ଉତ୍ସର୍ଗ କରିଥିଲେ । ଏହି ସ୍ମାରକୀ ପୋଲିସ ବାହିନୀକୁ ଜାତୀୟ ପରିଚୟ, ଗର୍ବ, ଉଦ୍ଦେଶ୍ୟର ଏକତା, ସହଭାଗୀ ଇତିହାସ ଏବଂ ଭାଗ୍ୟର ଭାବନା ପ୍ରଦାନ କରେ ଏବଂ ନିଜ ଜୀବନର ମୂଲ୍ୟ ଦେଇ ମଧ୍ୟ ଦେଶକୁ ସୁରକ୍ଷା ଦେବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରେ । ସ୍ମାରକୀରେ ଏକ କେନ୍ଦ୍ରୀୟ ମୂର୍ତ୍ତି, ଏକ 'ଶୌର୍ଯ୍ୟର ପ୍ରାଚୀର' ଏବଂ ଏକ ସଂଗ୍ରହାଳୟ ଅନ୍ତର୍ଭୁକ୍ତ । କେନ୍ଦ୍ରୀୟ ମୂର୍ତ୍ତି, ଏକ ୩୦ ଫୁଟ ଉଚ୍ଚ ଏକକ କଳା ଗ୍ରାନାଇଟ୍ ମୋନୋଲିଥ୍, ପୋଲିସ କର୍ମଚାରୀଙ୍କ ଶକ୍ତି, ସ୍ଥିରତା ଏବଂ ନିଃସ୍ୱାର୍ଥପର ସେବାର ପ୍ରତୀକ । କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ, ଶାହା ନଅଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ (ଜମ୍ମୁ ଏବଂ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ଦିଲ୍ଲୀ)ରୁ ପ୍ରାୟ ୯୦ ଜଣ ପୋଲିସ ଆରୋହୀଙ୍କ ଏକ ମୋଟରସାଇକେଲ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ ମଧ୍ୟ କରିଥିଲେ । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କିଛି କେନ୍ଦ୍ରୀୟ ପୋଲିସ ସଂଗଠନର ସୁରକ୍ଷା କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଏହି ବାଇକ୍ ରାଲି 'ଡ୍ରଗ୍ସ ବିରୁଦ୍ଧରେ ଲଢ଼େଇ' ଶୀର୍ଷକ ଏକ ଦେଶବ୍ୟାପୀ ରାଲିର ଏକ ଅଂଶ, ଯେଉଁଥିରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ବାହିନୀର ପୋଲିସ ଆରୋହୀ ୩୧ ଅକ୍ଟୋବର, ୨୦୨୬ରେ ଏକତା ପରେଡରେ ଅଂଶଗ୍ରହଣ କରିବା ପାଇଁ ଗୁଜରାଟର ଏକତା ନଗରରେ ପହଞ୍ଚିବେ।

# ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



**ଭୁବନେଶ୍ୱର, ୨୧/୧୦ ନ୍ୟୁଜ ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ସିବି ମାଥ୍ୟୁଜ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ), ଓଡ଼ିଶା ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ତେବେ ଏହି ସାକ୍ଷାତ ସମୟରେ କେଉଁ ବିଷୟ ଉପରେ ଆଲୋଚନା ହୋଇଥିଲା, ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇନାହିଁ।

# ସୁସ୍ଥ ହେଉଛନ୍ତି ଓରାଙ୍ଗୁଟାନ: ଡିସେମ୍ବର ଯାଏଁ ରହିବେ କ୍ୱାରେଣ୍ଟାଇନରେ

**ଭୁବନେଶ୍ୱର, ୨୧/୧୦ ନ୍ୟୁଜ ବ୍ୟୁରୋ**

ଗତ ସେପ୍ଟେମ୍ବର ୮ରେ ବାଲେଶ୍ୱରର ଭୋଗରାଇରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଛି । ସମସ୍ତଙ୍କ ସ୍ୱାସ୍ଥ୍ୟ ଏବେ ଭଲ ରହିଥିବା ବେଳେ ସେମାନଙ୍କ ଓଜନ ମଧ୍ୟ କ୍ରମାଗତ ଭାବେ ବଢ଼ୁଛି। ଏଥିସହ ଖାଦ୍ୟ ଗ୍ରହଣ ମଧ୍ୟ ସ୍ୱାଭାବିକ ହୋଇଛି । ବିଶେଷକରି ପୂର୍ବରୁ ରକ୍ତହୀନତାରେ ପୀଡ଼ିତ ଥିବା ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ଓରାଙ୍ଗଉଟାନ୍‌ଙ୍କ ଗତିବିଧି ଓ ସକ୍ରିୟତାରେ ମଧ୍ୟ ସୁଧାର ଆସିଛି। ଏନେଇ ନନ୍ଦନକାନନର ଉପ ନିର୍ଦ୍ଦେଶକ ପ୍ରଦୀପ ମୀରାସେ ଇଟିଭି ଭାରତକୁ ସୂଚନା ଦେଇଛନ୍ତି । ତେବେ ପ୍ରତ୍ୟେକ ଦିନ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ୫ଟି ଯାକ ଓରାଙ୍ଗଉଟାନ ଶାବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ସମସ୍ତେ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରୁଥିବା ବେଳେ ସେମାନଙ୍କ ଭୋକ ଓ ଖାଦ୍ୟ ଗ୍ରହଣ କ୍ଷମତାରେ ଉନ୍ନତି ଆସିଛି । ଶାବକମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତିକୁ ଦୃଷ୍ଟିରେ ରଖି ଖାଦ୍ୟର ପରିମାଣ ଧୀରେ ଧୀରେ ବୃଦ୍ଧି କରାଯାଇଛି। ଏହା ସହ ସେମାନଙ୍କ ଡାଏଟ୍‌ରେ କଠିନ ଖାଦ୍ୟ ବା ସଲିଡ୍ ଫୁଡ୍‌କୁ ମଧ୍ୟ ସାମିଲ କରାଯାଇଛି ବୋଲି ପ୍ରଦୀପ ମୀରାସେ କହିଛନ୍ତି। ଅନ୍ୟପଟେ ପୂର୍ବରୁ ରକ୍ତହୀନତାରେ ପୀଡ଼ିତ ଥିବା ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ଶାବକଙ୍କ ସକ୍ରିୟତାରେ ମଧ୍ୟ ସୁଧାର ଆସୁଛି । ସେମାନଙ୍କ ଚଳପ୍ରଚଳ ଓ ଆଚରଣରେ ସକାରାତ୍ମକ ପରିବର୍ତ୍ତନ ଦେଖାଦେଇଛି । ଡାକ୍ତରୀ ଟିମ୍‌ର ନିରନ୍ତର ନିରୀକ୍ଷଣ ଓ ବିଶେଷଜ୍ଞଙ୍କ ଯତ୍ନ ମଧ୍ୟରେ ଏହି ୫ ଓରାଙ୍ଗଉଟାନ୍ ଶାବକଙ୍କ ସ୍ୱାସ୍ଥ୍ୟରେ ଆସୁଥିବା ଉନ୍ନତି ଏବେ ଆଶ୍ୱସ୍ତି ଆଣିଛି । ଏହା ସହିତ ନନ୍ଦନକାନନ ମଧ୍ୟରେ ଥିବା ଓରାଙ୍ଗଉଟାନଙ୍କ ମନୋରଞ୍ଜନ ପାଇଁ ଦୋଳି ଓ ଖେଳନାର ବ୍ୟବସ୍ଥା କରାଯାଇଛି। ଯେଉଁଠିକି ସେମାନେ ଖେଳି ବୁଲି ସମୟ ଅତିବାହିତ କରୁଛନ୍ତି। ଏହା ସହିତ ସେ ୩ ମାସ ଅର୍ଥାତ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବେ । ତେବେ ପରବର୍ତ୍ତୀ ସମୟରେ ପର୍ଯ୍ୟଟକଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଉଛି । ଯାହା ଏକ କାଚ ଗ୍ଲାସ ମଧ୍ୟରେ ରହିବେ, ସମ୍ପୂର୍ଣ୍ଣ ରୂପେ ପାକୃତିକ ପରିବେଶ ଭଳି ସୃଷ୍ଟି କରାଯିବ ବୋଲି ପ୍ରଦୀପ ମୀରାସେ କହିଛନ୍ତି ।

# ହାଇୱା-କାର୍ ଧକ୍କାରେ ୨ ମୃତ, ୭ ଗୁରୁତର

**ରାଉରକେଲା, ୨୧।୧୦ ନ୍ୟୁଜ ବ୍ୟୁରୋ**

ବିଜୟା ଦଶମୀରେ ମର୍ମନ୍ତୁଦ ଦୁର୍ଘଟଣା। ହାଇୱା ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ହୋଇଛନ୍ତି। ସୁନ୍ଦରଗଡ଼ ଲହୁଣିପଡା ଥାନା ଅଧୀନ କଲେଇପୋଷକଟାଠାରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୪ ବର୍ଷର ଶିଶୁ ପୁତ୍ର ଅଛନ୍ତି। ମୃତ ମହିଳା ଜଣକ ହେଲେ ମାଗଦାଲି କେରକେଟା । ଗୁରୁତର ମଧ୍ୟରେ ୧୦ ବର୍ଷରୁ କମ୍ ଦୁଇ ଶିଶୁ ସହ ୬ ମାସର ଶିଶୁକନ୍ୟା ଅଛନ୍ତି। ରାଉରକେଲାରୁ ଲହୁଣୀପଡ଼ା କଲେଇପୋଶ ଆଡ଼କୁ ଯାଉଥିଲା କାର । ବରସୁଆଁରୁ ରାଜାମୁଣ୍ଡା ଆଡ଼କୁ ଯାଉଥିଲା ହାଇୱା । କଲେଇପୋଷକଟା ନିକଟରେ କାର ଓ ହାଇୱା ମଧ୍ୟ ଦୁର୍ଘଟଣା ଘଟିଥିଲା। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଲହୁଣୀପଡ଼ା ଡାକ୍ତରଖାନା ନିଆଯାଇଥିଲା। ୭ ଗରୁତର ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ମୃତଦେହ ଲହୁଣୀପଡା ଡାକ୍ତରଖାନାରେ ରଖାଯାଇଛି। ଦୁର୍ଘଟଣା ସ୍ଥଳରେ ଲହୁଣୀପଡ଼ା ପୋଲିସ ପହଞ୍ଚି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ହାଇୱା ଚାଳକ ଫେରାର ହୋଇଯାଇଛି। କାରରେ ଦୁଇ ଭଉଣୀଙ୍କ ପରିବାର ଥିଲେ ।

# ଏସ୍‌ଓଏସ୍ ଚିଲଡ୍ରେନସ ଭିଲେଜରେ ପିଲାମାନଙ୍କ ସହ ବିଜୟା ଦଶମୀ ପାଳିଲେ ରାଜ୍ୟପାଳ



**ଭୁବନେଶ୍ୱର, ୨୧।୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ବ୍ରଜମୋହନ ରାମ ବିଜୟା ଦଶମୀ ଅବସରରେ ରାଜ୍ୟର ପ୍ରଥମ ମହିଳା ଲୀଳା ଦେବୀଙ୍କ ସହ ଭୁବନେଶ୍ୱରସ୍ଥିତ ଏସ୍‌ଓଏସ୍ ଚିଲଡ୍ରେନ୍ସ ଭିଲେଜ୍ ପରିଦର୍ଶନ କରିଛନ୍ତି। ଏଥିସହ ଅନ୍ତେବାସୀଙ୍କ ସହ ଭାବ ବିନିମୟ କରିଛନ୍ତି। ରାଜ୍ୟପାଳ ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ପବିତ୍ର ବିଜୟା ଦଶମୀର ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ, ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ। ଦେବୀ ଦୁର୍ଗାଙ୍କ ମହିଷାସୁର ବଧ ଏବଂ ପ୍ରଭୁ ଶ୍ରୀରାମଙ୍କ ରାବଣ ଉପରେ ବିଜୟ ଏହି ମହାନ ଆଦର୍ଶର ପ୍ରତିଫଳନ ବୋଲି ସେ କହିଥିଲେ। ଦେବୀ ଦୁର୍ଗାଙ୍କୁ ଶକ୍ତି, ସାହସ, କରୁଣା ଓ ନାରୀ ସଶକ୍ତୀକରଣର ପ୍ରତୀକ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଦେବୀଙ୍କ କାହାଣୀ ଆମକୁ ଶିକ୍ଷା ଦିଏ ଯେ ସତ୍ୟ, ନ୍ୟାୟ ଓ ଧର୍ମର ସର୍ବଦା ବିଜୟ ହୋଇଥାଏ। ଅନ୍ୟାୟ ଓ ଅସତ୍ୟ ବିରୋଧରେ ଦୃଢ଼ ଭାବେ ଠିଆ ହେବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ରାଜ୍ୟପାଳ ସେମାନଙ୍କୁ ଦେବୀ ଦୁର୍ଗାଙ୍କ ସାହସ ଏବଂ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ପିଲାମାନଙ୍କୁ ମନ ଦେଇ ପାଠ ପଢ଼ିବା, ଶୃଙ୍ଖଳା ବଜାୟ ରଖିବା ଏବଂ ନିଷ୍ଠା ଓ କଠିନ ପରିଶ୍ରମ ବଳରେ ନିଜ ନିଜର ସ୍ୱପ୍ନକୁ ସାକାର କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଜୀବନରେ ଆସୁଥିବା ବିଭିନ୍ନ ଆହ୍ୱାନର ସାହସ ଓ ଦୃଢ଼ ସଂକଳ୍ପର ସହ ମୁକାବିଲା କରିବାକୁ ମଧ୍ୟ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।ରାଜ୍ୟପାଳ ସେମାନଙ୍କ ଜୀବନରେ ସୁଖ, ସୁସ୍ୱାସ୍ଥ୍ୟ, ଜ୍ଞାନ ଓ ସଫଳତା କାମନା କରିଥିଲେ।




ସୋସିଆଲ ମିଡିଆରୁ ସଂଗୃହୀତ



ଭୁବନେଶ୍ୱର : ବିଜୟାଦଶମୀ ଅବସରରେ କାଳିବାଡିରେ ବଙ୍ଗୀୟ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ। (ଫଟୋ : ସମ୍ବାଦ କଳିକା)

# ମହଙ୍ଗା ବଜାରରେ ଦେଶର ଦ୍ୱିତୀୟ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର, ୨୧/୧୦ ନ୍ୟୁଜ ବ୍ୟୁରୋ**

ମହଙ୍ଗା ଓ ବେକାରିକୁ ନେଇ ବିଶ୍ୱରେ ଭୟଙ୍କର ସ୍ଥିତି। ଫ୍ରାନ୍ସରୁ ଆର୍ଜେଣ୍ଟିନା ପର୍ଯ୍ୟନ୍ତ ବହୁ ଦେଶରେ ମୁଦ୍ରାସ୍ଫୀତି, ଆର୍ଥିକ ଚାପ ଯୋଗୁଁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଦରଦାମ ହ୍ରାସ ଓ ଶିକ୍ଷା ଖର୍ଚ୍ଚ କମାଇବା ଦାବିରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବିକ୍ଷୋଭ କରିବା ସହ ପୋଡ଼ାଜଳା କରିଛନ୍ତି। ଏପଟେ ଭାରତରେ ମଧ୍ୟ ମୁଦ୍ରାସ୍ଫୀତି ବଢ଼ି ଚାଲିଛି। ଆଗକୁ ଆହୁରି ଦର ବଢ଼ିବା ଆଶଙ୍କା ରହିଛି। ଏହାକୁ ନେଇ ଲୋକଙ୍କ ଭିତରେ ବଢ଼ିବାରେ ଲାଗିଛି ଚିନ୍ତା। ରାଜ୍ୟରେ ଲୋକଙ୍କ ମୁଣ୍ଡ ପିଛା ଆୟ କମ୍ ଥିଲେ ବି ମହଙ୍ଗା ବଜାରରେ ଦେଶର ଦ୍ୱିତୀୟ ସ୍ଥାନ ପାଲଟିଛି ଓଡ଼ିଶା। ଗୋଟିଏ ପଟେ ରୋଜଗାର ବଢ଼ୁନଥିବାବେଳେ ଆଉ ଗୋଟିଏ ପଟେ ବଢ଼ି ଚାଲିଛି ଦରଦାମ୍। ଲୋକଙ୍କ ମାସିକିଆ ବଜେଟ୍ ବଢ଼ିବଢ଼ି ଚାଲିଛି। ସଂଚୟ କଥା ଦୂରେ ଥାଉ ପରିବାରର ଅତ୍ୟାବଶ୍ୟକ ଖର୍ଚ୍ଚ ପୂରଣ କରିବା ଅଧିକାଂଶଙ୍କ ପାଇଁ କଷ୍ଟକର ହେଲାଣି। ଗତ କିଛି ମାସ ହେଲା ଏଭଳି ସ୍ଥିତି ଲାଗି ରହିଛି। ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବଢ଼ିବା ପରେ ଅନ୍ୟସବୁ ସାମଗ୍ରୀ ମହଙ୍ଗା ହୋଇଛି। ହାଣ୍ଡିଶାଳଠାରୁ ଆରମ୍ଭ କରି ଟିଫିନ୍ ଷ୍ଟଲ, ହୋଟେଲ, ରେଷ୍ଟୁରାଣ୍ଟ ସବୁଠି ଦେଖିବାକୁ ମଳିଛି ପ୍ରଭାବ। କିନ୍ତୁ ଏହାକୁ କେମିତି ନିୟନ୍ତ୍ରଣ କରାଯିବ ସେ ନେଇ କାହା ପାଖରେ ଉତ୍ତର ନାହିଁ। ଏହାକୁ ନେଇ ବଢ଼ିବାରେ ଲାଗିଛି ଅସନ୍ତୋଷ। ଉଦବେଗ ପ୍ରକାଶ କରିଛନ୍ତି ଅର୍ଥନୀତିଜ୍ଞ। ଦର ବୃଦ୍ଧି ପାଇଁ ପ୍ରଥମେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଦାୟୀ କରାଯାଉଛି। ଏଥିସହ ବଣ୍ଟନ ବ୍ୟବସ୍ଥାରେ ତ୍ରୁଟି, ଲାଭଖୋର ବ୍ୟବସାୟୀଙ୍କ କଳାବଜାରୀକୁ ବି ଦାୟୀ କରାଯାଉଛି। ହେଲେ, ସେହି ସଙ୍କଟ ଟଳି ନଥିବାବେଳେ ଏଲ୍‌ନିନୋ ପ୍ରଭାବରୁ ଖାଦ୍ୟଶସ୍ୟ ଉତ୍ପାଦନ କମିବା ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ ଗତ କିଛିଦିନ ମଧ୍ୟରେ ଦେଶରେ ଚାଉଳ, ଡାଲି, ତେଲ, ଚିନି, କ୍ଷୀର ଭଳି ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିଯାଇଛି। ଅଦିନିଆ ବର୍ଷା ଓ ପ୍ରତିକୂଳ ପାଣିପାଗ ପାଇଁ କଞ୍ଚା ପନିପରିବା ଦର ହାତପାଆନ୍ତାରେ ନାହିଁ। ଏଭଳି ସ୍ଥିତିର ମୁକାବିଲା ପାଇଁ ଏବେଠୁ ସତର୍କ ହେବାକୁ ପରାମର୍ଶ ଦେଇଛନ୍ତି ଅର୍ଥନୀତି ବିଶାରଦ। ବଡ଼ କଥା ହେଉଛି ଦରଦାମ ବୃଦ୍ଧି ପାଉଥିଲେ ବି ସେହି ତୁଳନାରେ ବଢୁନି ରୋଜଗାର। ଯାହା ବିଷମ ପରିସ୍ଥିତି ସୃଷ୍ଟି କରିଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

